
ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୪ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 August 2025

Vol.No. 36 ■ No.223 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଟ୍ରମ୍ପଙ୍କୁ ଆଇନା ଦେଖାଇଲେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର





ନୂଆଦିଲ୍ଲୀ,୨୩।୮: ପାକିସ୍ତାନ ସହିତ ଘନିଷ୍ଠତା ବୃଦ୍ଧି ପାଇଁ ଆତଙ୍କବାଦ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ଆଇନା ଦେଖାଇଥିଲେ ବୈଦେଶିକ ମନ୍ତ୍ରୀ। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆମେରିକା ସେହି ଦେଶ (ପାକିସ୍ତାନ) ସହିତ ତାର ଇତିହାସ ଭୁଲିଯାଉଛି। ସେ ମନେ ପକାଇ ଦେଇଥିଲେ ଯେ ବିଶ୍ୱର ସବୁଠାରୁ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଓସାମା ବିନ ଲାଡେନ ୨୦୧୧ ମସିହାରେ ପାକିସ୍ତାନର ଏକ ସହରରେ ମିଳିଥିଲେ। ଅପରେଶନ ସିନ୍ଦୂର ସମୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରିବା ପାଇଁ ଟ୍ରମ୍ପଙ୍କ ଦାବିକୁ ପୁଣି ଥରେ ପ୍ରତ୍ୟାଖ୍ୟାନ କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ଏସ ଜୟଶଙ୍କର କହିଛନ୍ତି ଯେ ଆମେ ଆମେରିକା ସହିତ କଥା ହୋଇଥିଲୁ, କିନ୍ତୁ ଯୁଦ୍ଧବିରତି ସମ୍ପର୍କରେ ଯାହା ନିଷ୍ପତ୍ତି ନିଆଯାଇଥିଲା ତାହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିଲା। ଇକୋନୋମିକ ଟାଇମ୍ସ ୱାଲରଡ ଲିଡର୍ସ ଫୋରମ ୨୦୨୫ରେ ଆମେରିକା

▶▶ପୃଷ୍ଠା ୭

## ରାଜସ୍ୱ ମନ୍ତ୍ରୀଙ୍କ ବିସ୍ଫୋରକ ବୟାନ: ଅମଲା ଆନ୍ଦୋଳନ ପଛରେ ବିଜେଡି, ଦେଲେ ଚେତାବନୀ



ଭୁବନେଶ୍ୱର, ୨୩/୮ (ନି.ପ୍ର): ନିଜର ୧୦ଦଫା ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ୧୩ ଦିନରେ ପହଂଚିଛି । ସମଗ୍ର ରାଜ୍ୟରେ ଏହି ଆନ୍ଦୋଳନ ଯୋଗୁ ସରକାରୀ ସେବା ସମ୍ପୂର୍ଣ୍ଣ ଠପ୍ ହୋଇ ପଡ଼ିଥିବାବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ବିସ୍ଫୋରକ ବୟାନ ଦେଇଛନ୍ତି । ଏହି ଅମଲା ଆନ୍ଦୋଳନ ପଛରେ ବିଜେଡି ରହିଛି ବୋଲି କହିବା ସହ ସୋମବାର ସୁଦ୍ଧା ଅମଲା କର୍ମଚାରୀମାନେ କାର୍ଯ୍ୟରେ ଯୋଗ ନଦେଲେ ସେମାନଙ୍କୁ ବାଟକୁ ଆଣିବା ପାଇଁ ସରକାରଙ୍କ ପାଖରେ ବହୁ ଅସ୍ତ୍ର ଅଛି ବୋଲି କହି ଚେତାବନୀ ଦେଇଛନ୍ତି । ଅନ୍ୟପଟେ ବିଜେଡି ଏହାକୁ ମନ୍ତ୍ରୀଙ୍କ ଚାଲି ନଜାଣି ବାଟର ଦୋଷ କହି ଏଡ଼ାଇ ଯାଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଅମଲା ଆନ୍ଦୋଳନ ପଛରେ ବିଜେଡିର ହାତ ଅଛି । ସୋମବାର ଅମଲା କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇପାରନ୍ତି ।

▶▶ପୃଷ୍ଠା ୭

## ବର୍ଷାରେ ବେହାଲ୍ ଅଧା ରାଜ୍ୟ: ଧୋଇଗଲା ରାସ୍ତା, ବୁଡ଼ିଲା ଗାଡ଼ି



ଭୁବନେଶ୍ୱର, ୨୩/୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଅସମ୍ଭାଳ ସ୍ଥିତି । ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି । ବାଲେଶ୍ୱର ସହର ନୂଆ ସାହିରେ କୃତ୍ରିମ ବନ୍ୟାରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ । ଖାଲ ଖମା ରାସ୍ତାରେ ପାଣି ଭର୍ତ୍ତି ହୋଇଥିବାରୁ ବାଧାପ୍ରାପ୍ତ ହୋଇଛି ଗମନାଗମନ। ବର୍ଷାପାଣି ନିଷ୍କାସନର ସ୍ଥାୟୀ ସମାଧାନ ହେଉନଥିବାରୁ ବାରମ୍ବାର ଏପରି ସମସ୍ୟା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ସେପଟେ ବର୍ଷାରେ ବେହାଲ କେନ୍ଦୁଝର ଜିଲ୍ଲା । ଫୁଲୁଛି ତେଲକୋଇର ପ୍ରମୁଖ ନଦୀ ସମାକୋଇ । ଏଥିସହ ଅନ୍ୟ ନାଳ ଗୁଡ଼ିକରେ ବି ପାଣି ଭର୍ତ୍ତି । ତେଲକୋଇ ଡାକବଙ୍ଗଳା ନିକଟ ସମାକୋଇ ପୋଲ ଉପରେ ୩ ଫୁଟ୍ ଉଚ୍ଚର ପାଣି ଚାଲୁଥିବାରୁ ଯାତାୟାତ ବ୍ୟାହତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାରେ ବି ଗତ ୩ ଦିନ ଧରି ଜାରି ରହିଛି ତୁହାକୁତୁହା ବର୍ଷା । ଜଳାର୍ଣ୍ଣବ ହୋଇଛି ଲେଫ୍ରିପଡ଼ା, ହେମଗିରି ଓ ଟାଙ୍ଗରପାଲି ବ୍ଲକ । ବରପାଲି ପୋଲ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି । ହେମଗିରି ବ୍ଲକର ମନୋହରପୁର-ସରବାହାଲ ରାସ୍ତା ଧୋଇଯାଇଛି । ସମ୍ବଲପୁରରେ ବି ପ୍ରବଳ ବର୍ଷା ହୋଇଛି । ହୀରାକୁଦରୁ ୮ ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି । ବାମ ପାର୍ଶ୍ୱରେ ୫ଟି ଓ ଡାହାଣ ପାର୍ଶ୍ୱରେ ୩ଟି ଗେଟ୍ ଖୋଲାଯାଇଛି । ସେପଟେ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ଷଷ୍ଠଥର ବନ୍ୟା ଆଶଙ୍କା । ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜରୁ ୫ ହଜାର କ୍ୟୁସେକ୍ ପାଣି ଛଡ଼ାଯାଇଥିବାରୁ ବଢ଼ିପାରେ ନଦୀର ଜଳସ୍ତର ।

## ନବୀନ ପଟ୍ଟନାୟକଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ: ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ



ଭୁବନେଶ୍ୱର, ୨୩/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସ ପହଞ୍ଚି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ମେଡିକାଲରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଆଜି ତାଙ୍କ ପାଖରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ବୁଝିଛନ୍ତି। ତେବେ କେବଳ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ଆଜି ଅନେକ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ପାରନ୍ତି ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ, ଡିହାଇଡ୍ରେସନ କାରଣରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହେବା ପରେ ସେ ନବୀନ ନିବାସ ଫେରିଛନ୍ତି । ସେବେଠାରୁ ଦଳମତ ନିର୍ବିଶେଷରେ ଅନେକ ନେତା ଓ ସମର୍ଥକ ତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରୁଛନ୍ତି । ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନିଜେ ଯାଇ ନବୀନଙ୍କୁ ଭେଟିଛନ୍ତି । ଗତ ନିର୍ବାଚନ ଫଳାଫଳ ଆସିବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ମଧ୍ୟ ନବୀନ ନିବାସ ଯାଇ ନବୀନଙ୍କୁ ଭେଟିଥିଲେ ମୋହନ ମାଝୀ । ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ସୂଚନା ଥାଉ, ଗତକାଲି (ଶୁକ୍ରବାର) ନବୀନ ନିବାସରେ ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ପରେ ନବୀନ ନିବାସକୁ ଆସିଥିଲେ ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ।

▶▶ପୃଷ୍ଠା ୭

## ହିଟ ଆଣ୍ଡ ରନ ମାମଲାରେ ସ୍କର୍ପିଓ ଗାଡ଼ିକୁ ଧରିଲା ପୋଲିସ: ମାଲିକ ଗିରଫ

ଭୁବନେଶ୍ୱର, ୨୩/୮ (ନି.ପ୍ର): ରାଜଧାନୀ ପାତ୍ରପଡାରେ ହିଟ ଆଣ୍ଡ ରନ ମାମଲାରେ ଗିରଫ ହେଲେ ସ୍କର୍ପିଓ ଗାଡି ମାଲିକ । ଏହାସହ ସ୍କର୍ପିଓ ଗାଡିକୁ ମଧ୍ୟ ଜବତ କରିଛି ଖଣ୍ଡଗିରି ଥାନା ପୋଲିସ । ଗାଡି ମାଲିକ ହେଉଛନ୍ତି ସୋମରାଜ ତ୍ରିପାଠୀ। ଏବଂ ଅନ୍ୟଜଣେ ହେଉଛନ୍ତି ରୋହନ ରଞ୍ଜନ ରାଉତ । ଘଟଣା ଘଟାଇ ମନାଲିରେ ଲୁଚିଥିଲେ । ସେଠାରୁ ମାଡି ବସିଲା କମିସନରେଟ ପୋଲିସ ।

## ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ

ଭୁବନେଶ୍ୱର, ୨୩/୮ (ନି.ପ୍ର): ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ। ଓଡିଶାରେ ଅଧିକରୁ ଅଧିକ ବୈଜ୍ଞାନିକ କିପରି ବାହାରି କାମ କରିବେ ସେଥିପାଇଁ ଆମ ସରକାର ଧ୍ୟାନ ଦେଉଛନ୍ତି। ପ୍ରତି ବର୍ଷ ୩୦ଜଣ କୁନି ବୈଜ୍ଞାନିକଙ୍କୁ ଇସ୍ରୋ ପଠାଯାଉଛି ସେମାନେ ସେଠାରେ ସ୍ପେସ ସେଂଟର ବୁଲୁଛନ୍ତି ଓ ଜ୍ଞାନ ଆହରଣ କରୁଛନ୍ତି। ପ୍ରତ୍ୟକ ଜିଲ୍ଲାରେ ପ୍ଲାନେଟରିୟମ କାର୍ଯ୍ୟ ଚାଲିଛି ଓ ଅନେକ ଜାଗାରେ କାର୍ଯ୍ୟ ସରିଆସିଲାଣି, ଆମେ ଉଦଘାଟନ କରିବୁ ଖୁବଶୀଘ୍ର।

## ୨୫ ତାରିଖ ଯାଏଁ କୃଷକ ପଞ୍ଜୀକରଣ : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ



ଭୁବନେଶ୍ୱର, ୨୩/୮ (ନି.ପ୍ର): ଆସନ୍ତା ୨୫ ତାରିଖ ଯାଏଁ ଚାଲିବ କୃଷକ ପଞ୍ଜୀକରଣ। ଏବେ ସୁଦ୍ଧା ୧୭ ଲକ୍ଷ ଚାଷୀ ପଞ୍ଜୀକରଣ ସାରିଥିବା ବେଳେ, ପଞ୍ଜୀକରଣ ସଂଖ୍ୟା ୨୦ ଲକ୍ଷ ଟପିପାରେ ବୋଲି ଆଶା କରାଯାଉଛି। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଖରିଫ ଋତୁରେ ଚାଷୀଙ୍କ ପଞ୍ଜିକରଣ ପ୍ରକିୟାକୁ ଆହୁରି ସରଳୀକରଣ କରିଛନ୍ତି ସରକାର। ପୂର୍ବରୁ ବଂଶାବଳୀ ପ୍ରମାଣ ପତ୍ର ପାଇଁ ଚାଷ ଜମିର ଉତ୍ତରାଧିକାରୀଙ୍କ ସମ୍ମତି ପତ୍ର ଆବଶ୍ୟକ ପଡୁଥିଲା। ଯେଉଁଥିପାଇଁ ଚାଷୀ ଜଓ ଅଫିସକୁ ଦୌଡିବାକୁ ବାଧ ହେଉଥିଲେ। ଫଳରେ ବିଳମ୍ବିତ ପ୍ରକ୍ରିୟା ପାଇଁ ଅନେକ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସମୟ ଭିତରେ ନାଁ ପଞ୍ଜିକରଣ କରିନପାରି ବାଦ ପଡୁଥିଲେ। ଯେଉଁଥିପାଇଁ ଧାନର ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଯୋଗାଣ ବିଭାଗ ଏହି ନିଜସ୍ୱ ଘୋଷଣାନାମା ଜାରି କରିଛି। ଯାହାକୁ ପୂରଣ କରି ଚାଷୀ ସିଧାସଳଖ ପଞ୍ଜୀକରଣ କରିପାରିବେ। ଏହାସହ ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧି ସମୟସୀମାକୁ ଅଗଷ୍ଟ ୨୦ ରୁ ଅଗଷ୍ଟ ୨୫ ପର୍ଯ୍ୟନ୍ତ ବଢାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜମିର ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ବା ଲିଗାଲହେୟାର୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଥିଲା। ଯେଉଁ ପ୍ଲଟ୍ ବାପା, ଜେଜେବାପାଙ୍କ ନାମରେ ରହିଛି, ତାହାର ଉତ୍ତରାଧିକାରୀ କେଉଁମାନେ ରହିଛନ୍ତି, ତାହାର ବଂଶାନୁକ୍ରମ ପ୍ରମାଣପତ୍ର ପ୍ରଥମେ ଆରଆଇଙ୍କ ଠାରୁ ଆଣିବାକୁ ପଡୁଥିଲା।

▶▶ପୃଷ୍ଠା ୭

## ରାଜ୍ୟରେ ବୁଲା କୁକୁରମାନଙ୍କର ଗଣନା କରିବେ ସରକାର

ଭୁବନେଶ୍ୱର, ୨୩/୮ (ନି.ପ୍ର):କୁକୁର ମାନଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରତିକ୍ରିୟା ରଖିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରିବ ବିଭାଗ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କରିବ ବୁଲା କୁକୁରଙ୍କ ଗଣନା । ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ, ଗଣନା ଏବଂ ଟୀକାକାରଣ କରାଯିବ । ଏହାସହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରି ଅଣାଯାଇଥିବା ସ୍ଥାନରେ ଛାଡି ଦିଆଯିବ । ଯେଉଁମାନେ ହିଂସ୍ର ଓ ଜ୍ୱଳାନ୍ତକ ରୋଗରେ ପୀଡିତ ଥିବେ ଆଶ୍ରୟ ସ୍ଥଳରେ ରଖାଯିବ । ରାଜ୍ୟରେ ଅଛନ୍ତି ୭ ଲକ୍ଷ ବୁଲା କୁକୁର ଏବଂ ପୋଷା କୁକୁର ଅଛନ୍ତି ୬୪ ହଜାର । ଏଣିକି ବୁଲା କୁକୁରଙ୍କୁ ରାସ୍ତା କଡରେ ଖାଇବାକୁ ନଦେବାକୁ ସଚେତନ କରିବ ମୁନିସିପାଲିଟି । ଏହାସହ ରାସ୍ତା କଡ଼ରେ ଚିକେନ ମଟନ କାଟି ଏଣେ ତେଣେ ପକାଇପାରିବେ ନାହିଁ କିମ୍ବା ବୁଲା କୁକୁରଙ୍କୁ ବଳକା ମାଂସ ନଦେବାକୁ ନିର୍ଦ୍ଦେଶ । ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେନ ମଟନ ନ କାଟି ନିର୍ଦ୍ଧିଷ୍ଟ ସ୍ଥାନରେ କାଟିବେ ଦୋକାନୀ । ଏନେଇ ବିଭାଗ ପକ୍ଷରୁ ସମସ୍ତ ମୁନିସିପାଲିଟିକୁ ନିର୍ଦ୍ଦେଶ ।

## ଋଣ ଜାଲିଆତି: ଅମ୍ବାନୀଙ୍କ ଘରେ ପଶିଲା ସିବିଆଇ

ନୂଆଦିଲ୍ଲୀ,୨୩/୮ : ଶିଳ୍ପପତି ଅନୀଲ ଅମ୍ବାନିଙ୍କ ଘରେ ପଶିଲା ସିବିଆଇ। ଆଜି ସକାଳୁ ସିବିଆଇର ଗୋଟିଏ ଟିମ ମୁମ୍ବାଇ ସ୍ଥିତ ଅନୀଲ ଅମ୍ବାନିଙ୍କ ଘରେ ପଶି ରେଡ କରିଛି। ୩୦୭୩ କୋଟିର ବ୍ୟାଙ୍କ ଋଣ ଜାଲିଆତି ଘଟଣାରେ ସିବିଆଇ ପକ୍ଷରୁ ଏପରି ରେଡ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ୭ଟାରେ ସିବିଆଇ ଟିମ ଅନୀଲ ଅମ୍ବାନିଙ୍କ କୁଫ ପାରେଡେର ସିୱିଣ୍ଡ ଘରେ ପହଞ୍ଚିଥିଲା। ୭ରୁ ୮ ଜଣ ଅଧିକାରୀ ଘର ଭିତରେ ପଶି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ରେଡ ଚାଲିଥିବା ବେଳେ ଅମ୍ବାନି ଓ ତାଙ୍କ ପରିବାରର ସଦସ୍ୟମାନେ ଘରେ ଉପସ୍ଥିତ ରହିଛନ୍ତି। ସେମାନଙ୍କୁ ମଧ୍ୟ ସିବିଆଇର ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍‌ବିଆଇ ପକ୍ଷରୁ ଅମ୍ବାନି ଆଣ୍ଡ କୋ ବିରୋଧରେ ଋଣ ଜାଲିଆତି ଅଭିଯୋଗ କରାଯାଇଛି। ଏହାପରେ ସିବିଆଇ ପକ୍ଷରୁ ଅନୀଲ ଅମ୍ବାନି, ତାଙ୍କ ଅଧୀନରେ

▶▶ପୃଷ୍ଠା ୭

## ବାଦଲଫଟା ବର୍ଷାରେ ଥରହର ଥରାଲି: ମାଟି ଅତଡ଼ା, ବର୍ଷାପାଣିରେ ବୁଡ଼ିଛି ଗାଁ



ନୂଆଦିଲ୍ଲୀ,୨୩/୮ : ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ। ଧରାଲି ପରେ ଥରାଲିରେ ହାହାକାର। ଉତ୍ତରକାଶୀର ଧରାଲିରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷାକୁ କିଛିଦିନ ନବିତିଣୁ ଏବେ ଚମୋଲିର ଥରାଲି ଗାଁ ସମାନ ତାଣ୍ଡବ ଦେଖିଛି । ରାସ୍ତାରେ ବଡ଼ ବଡ଼ ପଥରଖଣ୍ଡ, ଅଟକି ରହିଛି ଯାନବାହନ । କେଉଁଠି ଘରର ଆସବାବପତ୍ର ଭାସିଯାଇଛି ତ ପୁଣି କେଉଁଠି ଘରଦ୍ୱାର ଛାରଖାର ହୋଇଛି । ବନ୍ୟାପାଣି କମିଛି ସତ କିନ୍ତୁ ଦୁଃଖ ଦେଇଯାଇଛି ବାଦଲଫଟା ବର୍ଷା । ଶୁକ୍ରବାର ମଧ୍ୟରାତ୍ରରେ ହଠାତ ଚମୋଲିର ଗାଁ ଥରାଲିରେ କାଳ ପରି ମାଡ଼ି ଆସିଥିଲା ବନ୍ୟା। ପ୍ରାକୃତିକ ବିପର୍ଯ୍ୟୟରେ ବଡ଼ କ୍ଷତି ସହିଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଥରାଲି । ହଠାତ୍ ବର୍ଷା ଫଳରେ ଥରାଲି ଗାଁରେ ଭୂସ୍ଖଳନ ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଥରାଲି ଗାଁର ଅନେକ ଘର ମାଟି ତଳେ ଦବି ଯାଇଛି। ଦେବଭୂମି ଉତ୍ତରାଖଣ୍ଡ ପାଇଁ ପ୍ରତିବର୍ଷ ବର୍ଷା ନେଇ ଆସୁଛି କାଳ । ପ୍ରାୟତଃ ଜୁଲାଇ ଓ ଅଗଷ୍ଟ ମାସରେ ରାଜ୍ୟ ଏକାଧିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ଏହା ପଛରେ ଏକାଧିକ ଭୌଗୋଳିକ କାରଣ ରହିଛି । ଯଦି ଗତ କିଛି ବର୍ଷର ତଥ୍ୟ ଉପରେ ନଜର ପକାଇବା ତେବେ ଉତ୍ତରାଖଣ୍ଡର ଉତ୍ତରକାଶୀରେ ଏଭଳି ପ୍ରଳୟଙ୍କରୀ ଧ୍ୱଂସଲୀଳା ବାରମ୍ବାର ଘଟିଛି । ବିଶେଷ କରି ଖିରୋ ଗାର୍ଡ,

▶▶ପୃଷ୍ଠା ୭

## ୨୦୨୬ ନିର୍ବାଚନ ପୂର୍ବରୁ ସମରସଜ୍ଜା: ତାମିଲନାଡୁ ରାଜନୀତିର ନୂଆ ଚେହେରା ବିଜୟ



ନୂଆଦିଲ୍ଲୀ,୨୩/୮ : ତାମିଲନାଡୁ ରାଜନୀତିରେ ତିଷ୍ଠି ରହିଥିବା ଆଞ୍ଚଳିକ ଦଳ ଓ ଜାତୀୟ ଦଳମାନଙ୍କ ଦବ୍‌ଦବା ଭିତରେ ଅଭିନେତା ବିଜୟ ନିଜର ନୂଆ ଦଳ ଟିଭିକେ ସହ ଏଥରକ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ।ଏହା ଭିତରେ ତାଙ୍କ ଜନସଭାରେ ସମର୍ଥକଙ୍କ ପ୍ରବଳ ଭିଡ଼ ଆଗକୁ ବଡ଼ ଟକ୍କର ଦେବ ବୋଲି ଅନୁମାନ କରାଗଲାଣି । ଆଖି ପାଉନଥିବା ଭିଡ଼, ଗଣି ହେଉନଥିବା ସମର୍ଥକ। ଏହା ହେଉଛି ବିଜୟଙ୍କ ଜନସଭା । ଯାହାଙ୍କ ସିନେମା ଦେଖିବାକୁ ହଲରେ ଯେଉଁଭଳି ଭାବେ ଦର୍ଶକଙ୍କ ଭିଡ଼ ଲାଗୁଥିଲା ଆଜି ନିର୍ବାଚନୀ ରାଲିରେ ମଧ୍ୟ ସେମିତି ଜନସମୁଦ୍ର ଦେଖିବାକୁ ମିଳିଛି । ଦୁଇଦିନ ତଳେ ମଦୁରାଇରେ ଆୟୋଜିତ ରାଲିରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା । ରାଲିରେ ବିଜୟ ଏକଥା ସ୍ପଷ୍ଟ କରିଛନ୍ତି ଯେ ସେ କାହା ସହ ମେଣ୍ଟ କରିବେନି । ରାଜନୀତିରେ ଗୁଲାମଗିରି କରିବେନି। ବିଜେପି ସହ ବିଚାରଧାରାର ଲଢ଼େଇ ଓ ଡିଏମ୍‌କେକୁ ପ୍ରତିଦ୍ୱନ୍ଦ୍ୱିଭାବେ ଅଭିହିତ କରି ଏକାକୀ ଲଢ଼ିବାକୁ ଘୋଷଣା କରିଛନ୍ତି । ଜନସମୁଦ୍ର ପରି ଜନସମର୍ଥନ ବିଜୟଙ୍କ ମନୋବଳ

▶▶ପୃଷ୍ଠା ୭

# ଲୋକପ୍ରିୟ ଜଗନ୍ନାଥ ଜୀଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟାଙ୍କ ପରଲୋକ



ବାଲେଶ୍ୱର, ୨୩/୦୮ (ନି.ପ୍ର): ସ୍ୱନାମଧନ୍ୟ ସମାଜସେବୀ ଜଗନ୍ନାଥ ଜୀଙ୍କ ଦେହାନ୍ତର ୩ ବର୍ଷ ନପୂରୁଣୁ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ଜୀ ରସାଳପୁର ବାସଭବନରେ ଗତ ୨୧ ତାରିଖ ଗୁରୁବାର ମଧରାତ୍ର ୨ ଘଟିକା ସମୟରେ ଦୀର୍ଘ ୮୧ବର୍ଷରେ ଇହଲୀଳା ସମ୍ବରଣ କରିଛନ୍ତି । ଦୀର୍ଘଦିନ ଧରି ବାର୍ଦ୍ଧକ୍ୟରୋଗ ଅସୁସ୍ଥତାରେ ପୀଡ଼ିତା ସ୍ୱର୍ଗୀୟା ଲକ୍ଷ୍ମୀପ୍ରିୟା ପରିବାରବର୍ଗଙ୍କୁ ନିରାଶ କରି ଶେଷରେ ଆଖି ବୁଜି ଦେଇଥିଲେ । ଏକ ବିଶାଳ ପରିବାରର କର୍ମତତ୍ପର ଆଦର୍ଶ ମୁରବୀ ଭାବରେ ଅଂଚଳବାସୀଙ୍କ ପ୍ରିୟଭାଜନ ହେବା ସହ ସେ ଜଣେ ଆଦର୍ଶନାରୀ ରୂପେ ଚିରସ୍ମରଣୀୟ ହୋଇ ରହିବାର ସୂଚନା ପ୍ରଦାନ କରିଛନ୍ତି । ତାଙ୍କର ଦେହାବସାନ ବେଳକୁ ସ୍ୱର୍ଗାଶ୍ରୟୀ ଲକ୍ଷ୍ମୀପ୍ରିୟାଙ୍କ ବଡ଼ଝିଅ ସରୋଜିନୀ, ବଡ଼ପୁଅ ଅଶୋକ, ସରୋଜ, ମନୋଜ, ବିନୋଦ, ଆଲୋକ, ସାନଝିଅ ମନ୍ଦାକିନୀ, ବଡ଼ଭଣଜା ଶିବାଜୀ, ଭାଣିଜୀ ସୁଭାଷିନୀ, ଭଣଜା ଶ୍ରୀଦେବ, ଭଣଜାବୋହୂ ବିପାଶା, ପ୍ରଭାତ, ପୁତୁରା ତରୁଣ, ତପନ, ରତନ, ସଂଜୟ, ଶରତ, ସୁପ୍ରଶାନ୍ତ, ଝିଆରୀ ମିଲୁ, ରିଲୁ, ଜ୍ୱାଇଁ ସୁକାନ୍ତ, ବସନ୍ତ, ପ୍ରଶାନ୍ତ, ବୋହୂ ବିନୋଦିନୀ, ସଂଗୀତା, ସରୋଜକାନ୍ତି, ସ୍ୱାତିକା, ଶର୍ମିଳା, ନାତୀ-ନାତୁଣୀ ସୌମ୍ୟା, ସ୍ୱରାଜ, ଅଭୀପ୍ସା, ସାନ୍‌ଭୀ, ଆକାଂକ୍ଷା, ବିବେକ, ଅନିଶା, ଅମୀଶା, ବୈଶାଖୀ, ବର୍ଷା, ପ୍ରଭାତୀ, ଗୌତମୀ ଏବଂ ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ, ପ୍ରାକ୍ତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ରେମୁଣା ବିଧାୟକ ସୁଦାମ ପରିଡ଼ା, ସର୍ବୋପରି ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର, ପ୍ରାକ୍ତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ ତଥା ସାହିପଡ଼ୋଶୀ ସମାଜସେବୀ ପ୍ର. ଶତ୍ରୁଘ୍ନ ମଲ୍ଲିକ, ଗଂଗାଧର ବେହେରା, ଶୁଭେନ୍ଦୁ ମଙ୍ଗରାଜ, ଶାନ୍ତନୁ ଦାସ, ଇନ୍ଦ୍ରଜିତ୍ ପରିଡ଼ା, ରିତ୍ୱିକ୍ ଜୀ, ଜ୍ଞାନରଂଜନ ବେହେରା, ଶ୍ରୀମତୀ ଅନସୂୟା ନାୟକ, ରଂଜନ ବାଗ୍, ଗୋବିନ୍ଦ ରାଠି, ଅନିରୁଦ୍ଧ ପ୍ରସାଦ ଦାସ, ଚିରାଗ ଚୌହାନ୍, ତାନଂକ୍ସ ବାରିକ, ଇନ୍ଦ୍ରଜିତ୍ ପରିଡ଼ା, ଡା. ସତ୍ୟନାରାୟଣ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଗଣପତି ମଲ୍ଲିକ, ଅମୂଲ୍ୟ ଜୀ, ଯୁଗଳ ମହଲ, ସୌମେନ୍ଦ୍ର ମହାପାତ୍ର, ରମାନାଥ ବେହେରା, ଲକ୍ଷ୍ମଣ ପ୍ରଧାନ ଓ ଯଦୁନାଥ ମହାବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ-ଅଧ୍ୟାପିକା ସହକାରୀ ବୃନ୍ଦ ଉପସ୍ଥିତ ରହି ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶବଧାରରେ ଜ୍ୱଳନ୍ତ ବତୀ ପ୍ରଦର୍ଶନ କରିଥିଲେ ।

## ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଲାଙ୍ଗିର, ୨୩/୦୮ (ନି.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ (ଓଏସଏନଏଲଇଏ)ର ଆହ୍ୱାନ କ୍ରମେ ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ଗତ ୧୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୦୦୮ରୁ ୨୦୧୮ ମଧ୍ୟରେ ସ୍କୁଲ ପରିଚାଳନା କମିଟୀ ଦ୍ୱାରା ନିଯୁକ୍ତ ହୋଇଥିବା ଜଣେ ଅଧ୍ୟାପିକା ଓ ୨ ଜଣ କର୍ମଚାରୀ ଦୀର୍ଘ ୧୫ ବର୍ଷ ହେଲା ବିନା ସରକାରୀ ବେତନରେ ଏହି ବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି । କିନ୍ତୁ, ରାଜ୍ୟରେ ଥିବା ଏ ବର୍ଗର ଅଧ୍ୟାପକ କର୍ମଚାରୀମାନଙ୍କୁ ସରକାର ଅନୁଦାନ ଦେବାରେ ଟାଳଟୁଳନୀତି ଅବଲମ୍ବନ କରିଆସୁଥିବାରୁ ଶେଷରେ ବାଧ ହୋଇ ରାଜ୍ୟ ସଂଘର ଆହ୍ୱାନ କ୍ରମେ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସବିତା ଦାଶ(ସମାଜ ବିଜ୍ଞାନ ବିଭାଗ), ଏଜୁକେସନ ଡ଼େମୋଷ୍ଟ୍ରେଟର ହରି ମେହେର ଓ କନିଷ୍ଠ କିରାଣୀ ସୁଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ପାଟଣାଗଡ଼ ବ୍ଲକ ଛକକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବିରେ ରାସ୍ତାରେ ପଦ୍ମଫୁଲ ଚାଷ କରି ପ୍ରତିବାଦ

ବଲାଙ୍ଗିର, ୨୩/୦୮ (ନି.ପ୍ର): ପାଟଣାଗଡ଼ ଏକ ଐତିହାସିକ ଛୋଟ ସହର । ପୁରାତନ ସମୟ ରାଜା ରାଜୁଡ଼ା ଅମଳରେ ଏଠାରେ ପାଟଣା ଷ୍ଟେଟର ରାଜଧାନୀ ଥିଲା । ପାଟଣା ଷ୍ଟେଟକୁ ରାଜା ମାନେ ପିଢ଼ି ପରେ ପିଢ଼ି ଶାସନ କରି ଆସୁଥିଲେ । ଏହା କୁଆଁରୀ ପାଟଣା ନାମରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଛୋଟ ସହରରେ ଦୀର୍ଘ ବର୍ଷ ଧରି ରାସ୍ତା ସଂକୀର୍ଣ୍ଣ ସମସ୍ୟା ଲାଗି ରହିଛି । ରାସ୍ତା ସଂକୀର୍ଣ୍ଣ ଯୋଗୁଁ ଦୈନନ୍ଦିନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ହଜାର ହଜାର ଜନସାଧାରଣ, ରୋଗୀ, ବେପାରୀ, ଚାଷୀ ମାନେ ଟ୍ରାଫିକ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି । ଯାତ୍ରୀ ମାନଙ୍କୁ ନାହିଁ ନ ଥିବା ସମସ୍ୟା ଭୋଗିବାକୁ ହୁଏ । ସହର ମୁଖ୍ୟ ରାସ୍ତାଦେଇ ଭାରୀଯାନ ଚଳାଚଳ ଯୋଗୁଁ ଅନେକ ଦୁର୍ଘଟଣା ମଧ ଘଟିଛି । ରାସ୍ତାର ଅବସ୍ଥା ଶୋଚନୀୟ ଓ ସଂକୀର୍ଣ୍ଣ ଯୋଗୁଁ ଅନେକ ଦୁର୍ଘଟଣା ଦେଖିଛି ଏହି ସହର ଏହି ରାସ୍ତା । ଛୋଟ ଛୋଟ ସ୍କୁଲ ଛାତ୍ର ଛାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ଯିବା ଆସିବା କରୁଛନ୍ତି । ସରକାର ପାଟଣାଗଡ଼ ବାଇପାସ ଲାଗି ଦୀର୍ଘ ଦିନ ହେଲା ଘୋଷଣା ଓ ଟଙ୍କା ମଞ୍ଜୁରୀ କରିଥିଲେ ସୁଦ୍ଧା ତାହା ଘୋଷଣାରେ ଅଟକି ଯାଇଛି । ସହରର ମୁଖ୍ୟ ରାସ୍ତା ବ୍ଲକ ଛକ ନିକଟ ପୂର୍ବତନ ବିଧାୟକଙ୍କ ବାସଭବନ ସମ୍ମୁଖ ରାସ୍ତା ଏଭଳି ମରଣଯନ୍ତା ପାଲଟି ଯାଇଛି ଜନସାଧାରଣ ଦୈନନ୍ଦିନ ବିପଦ ଅବସ୍ଥାରେ ଯାତାୟାତ କରୁଛନ୍ତି । ଅନେକ ଯାତ୍ରୀଙ୍କର ଦୁର୍ଘଟଣା ଘଟି ଗୋଡ଼ ହାତ ଭାଙ୍ଗିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପାଟଣାଗଡ଼ ସହର ବାସୀ, ଅଂଚଳ ବାସୀ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଅଢୁଆଳରେ ରହି ଯାଇଛି । ଉକ୍ତ ରାସ୍ତା ଦେଇ ପ୍ରଶାସନ, ବିଭାଗୀୟ ଅଧିକାରୀ ସ୍ଥାନୀୟ ରାଜନେତା ଯିବା ଆସିବା କରୁଥିଲେ ସୁଦ୍ଧା କାହାରି ସୁଦୃଷ୍ଟି ପଡ଼ିନାହିଁ । ସ୍ଥାନୀୟ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀଙ୍କ ପାଟଣାଗଡ଼ ଗସ୍ତ କାର୍ଯ୍ୟକ୍ରମ ଥିଲେ ବିଶ୍ୱକର୍ମା ରୂପୀ ବିଭାଗୀୟ ଅଧିକାରୀ ତୁରନ୍ତ ରାସ୍ତା ମରାମତି କରି ଦିଅନ୍ତି ପୁଣି ଗସ୍ତ କାର୍ଯ୍ୟକ୍ରମ ସରିଗଲେ ଯେସାକୁ ତେସା ରାସ୍ତାର ଅବସ୍ଥା । ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ଉକ୍ତ ରାସ୍ତାରେ ପାଣି ଯମିଥିବା ଖାଲ ମାନଙ୍କରେ ପଦ୍ମ ଫୁଲ ଚାଷ କରି ଭିନ୍ନ ଢଙ୍ଗରେ ପ୍ରତିବାଦ କରିବା ସହିତ ଉକ୍ତ ଜାଗାକୁ ଜାତୀୟ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ଦାବୀ କରିଛନ୍ତି । ପାଟଣାଗଡ଼ ବ୍ଲକ ଛକ ନିକଟ ରାସ୍ତାକୁ ଜାତୀୟ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଆମର ଦାବୀ, ବ୍ଲକ ଛକ ଠାରେ ଥିବା ପଦ୍ମ ପୋଖରୀର ସୁରକ୍ଷା ଆମର ଦାବୀ ବୋଲି ସ୍ଲୋଗାନ ଦେଇଥିଲେ । କିଛି ସମୟ ପରେ ପ୍ରତିବାଦ ସ୍ଥଳକୁ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ହେତୁରାମ ବିଭାର ଆସି ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥିବା ଦାବିପତ୍ର ଗ୍ରହଣ କରି ସରକାରଙ୍କ ନିକଟକୁ ପଠେଇ ଏହାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ । ଆଜିର ପ୍ରତିବାଦ ଆନ୍ଦୋଳନରେ କୋଶଳ ମୁକ୍ତି ମୋର୍ଚ୍ଚାର ଜଗନ ମେହେର, ଜନସନ ନାଗ, ମଦନ ମାଝୀ, ହୃଷିକେଶ ଭୋଇ, ଯୁଧିଷ୍ଠିର ମିର୍ଦ୍ଧା, ରାଜ କୁମାରୀ ମେହେର, ଅଜୟ କୁମାର ମେହେର, ଆନନ୍ଦ ମେହେର, ସରୋଜ ମେହେର, ଶ୍ରୀବଛ ପୁଟେଲ, ଶିବୁ ବାଗଙ୍କ ସହ ଅନେକ ସଂଗ୍ରାମୀ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ପାଟଣାଗଡ଼ ଏ. ଏସ. ଆଇ. ଧବଳେଶ୍ୱର ମାଝିଙ୍କ ସହିତ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ବିଶିଷ୍ଟ କ୍ରୀଡ଼ାପ୍ରତିଭା ସମ୍ବର୍ଦ୍ଧିତ




ରାଉରକେଲା, ୨୩/୦୮ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ୭ ଜଣ ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କୁ ଅଗଷ୍ଟ ୧୪ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସମ୍ମାନ ସମାରୋହରେ କ୍ରୀଡା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଶ୍ରେଷ୍ଠ ପ୍ରଶିକ୍ଷକ ତଥା ବିଶିଷ୍ଟ କ୍ରୀଡାବିତ, ପାରାଆଥଲେଟ ଏବଂ ହକି କ୍ୟାଡେଟ୍ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ସବଜୁନିୟର ଜାତୀୟ ପାୱାରଲିଫ୍ଟିଂ ଚମ୍ପିୟାନସିପରେ ୭୪ କିଲୋଗ୍ରାମ ବର୍ଗରେ ପ୍ରଥମ ସ୍ଥାନ ହାସଲ ପାଇଁ ରୋହିତ ରାଜ ଭଗତଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ତାଙ୍କୁ ୧୦୦୦ ଟଙ୍କା ପୁରସ୍କାର ରାଶି ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା । ଶ୍ରୀ ଶୁଭ୍ରାଂଶୁ ମହାରଣାଙ୍କୁ ଡାଉନ୍ ସିଣ୍ଡ୍ରୋମ ନ୍ୟାସନାଲ ଗେମ୍ସ ଇଭେଣ୍ଟରେ ଶଟପୁଟରେ ସ୍ୱର୍ଣ୍ଣ ପଦକ ଲାଭ ପାଇଁ ୧୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ହକି ଇଣ୍ଡିଆ ସବ ଜୁନିଅର ପୁରୁଷ ଜାତୀୟ ଇଣ୍ଟର ଜୋନ ଚାମ୍ପିଅନସିପ୍ ରେ ସ୍ୱର୍ଣ୍ଣ ପଦକ ଲାଭ ପାଇଁ ସେଲ ହକି ଏକାଡେମୀର ରୋହିତ ଏକ୍କା, ଜଗଦୀପ ବାର୍ଲା, ଏବଂ ଲେଲସନ ମିଞ୍ଜଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ନଗଦ ପୁରସ୍କାର ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା ।

ସସ୍ପ ବିଭାଗର ଜୁନିୟର ଇଞ୍ଜିନିୟର ତଥା ଆରଏସପି ପାୱାର ଲିଫ୍ଟିଂ ଏବଂ ୱେଟ ଲିଫ୍ଟିଂ ଦଳର ପ୍ରଶିକ୍ଷକ ଶ୍ରୀ ବିକ୍ରମ କୁମାର ସ୍ୱାଇଁଙ୍କୁ ୧୦୦୦ ଟଙ୍କା ପୁରସ୍କାର ରାଶି ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ତାଙ୍କ ଦକ୍ଷ ମାର୍ଗଦର୍ଶନ ଏବଂ ଦକ୍ଷ ପ୍ରଶିକ୍ଷଣରେ ରୋହିତ ରାଜ ଭଗତ ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପାୱାର ଲିଫ୍ଟିଂ ଚାମ୍ପିଅନସିପରେ ଚାମ୍ପିଅନ ହୋଇଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେଲ ହକି ଏକାଡେମୀ ହକି ଦଳର ପ୍ରଶିକ୍ଷକ ଶ୍ରୀ ରାଜୁ କାନ୍ତ ସାଇନିଙ୍କୁ ୩,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କ ମାର୍ଗଦର୍ଶନରେ ଖେଳାଳିମାନେ ଗୌହାଟୀରେ ଅନୁଷ୍ଠିତ ଦ୍ୱିତୀୟ ହକି ଇଣ୍ଡିଆ ସବ୍ ଜୁନିଅର ପୁରୁଷ ଆନ୍ତଃ ଜୋନ୍ ଚାମ୍ପିଅନସିପରେ ଚାମ୍ପିଅନ ହୋଇଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

# ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ କାରାଦଣ୍ଡାଦେଶ

ବାରିପଦା, ୨୩/୦୮ (ନି.ପ୍ର): ମୟୂରଭଞ୍ଜ ଆଡ଼ ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଆସାମୀକୁ ୨୦ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଆସାମୀ ଜଣକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ଶୁକ୍ରା ସିଂ (୬୦) ।

ସୂଚନାଯୋଗ୍ୟ, ଗତ ମଇ ୨୦୨୩ରେ ଜନୈକା ଦିବ୍ୟାଙ୍ଗ ନାବାଳିକା ଜଣକ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତାଙ୍କୁ ଏକୁଟିଆ ପାଇ ଆସାମୀ ଜଣକ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଏନେଇ କାହାକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଯାହାକୁ ନେଇ ପୀଡିତା ନାବାଳିକା ଜଣକ ଭୟଭୀତ ହୋଇ ପରିବାର ଲୋକଙ୍କୁ କିଛି ଜଣାଇନଥିଲା । ୮ମାସ ପରେ ପୀଡିତା ଜଣକ ଅନ୍ତେସ୍ୱତ୍ୱା ହେବା ପରେ ପରିବାର ଲୋକେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ । ଯାହାକୁ ନେଇ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି । ଏହା ସହିତ ପୀଡିତା ନାବାଳିକାକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।

## ଏନଏସି ମାନ୍ୟତା ଦାବିରେ ୧୨ ଘଂଟିଆ ଜୟପାଟଣା ବନ୍ଦ

ମୁଖିଗୁଡ଼ା, ୨୩/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଜୟପାଟଣାକୁ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ମାନ୍ୟତା ଦାବିରେ ଆଜି ୧୨ ଘଂଟିଆ ଜୟପାଟଣା ବନ୍ଦ ପାଳନ କରାଯାଇଛି । ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଉଛି । ଫଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକାନ ବଜାର ଏବଂ ଯାନବାହନ ଚଳାଚଳ ବନ୍ଦ ରହିଛି । ତେବେ ଜରୁରୀକାଳୀନ ଓ ଅତ୍ୟାବଶ୍ୟକ ସେବାକୁ ଏଥିରୁ ବାଦ୍ ଦିଆଯାଇଛି । ଜୟପାଟଣାର ରାଜବାଟି ସମ୍ମୁଖରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି ।

ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଶୈଳେନ୍ଦ୍ର ରାଜ୍, ମୀନକେତନ ପୂଜାରୀ, ମହସିନ ଖାନ, ଅମ୍ବୁଜ ଧଙ୍ଗଡ଼ାମାଝି, ଦିଲ୍ଲୀପ ରାଉତ, ପ୍ରଶାନ୍ତ ମୁଣ୍ଡ, ଶତୃଘ୍ନ ରାଉତ, ନିବାସ ଅଲ୍ଲୀ ଏବଂ ୟୁସୁଫ ଖାନ ପ୍ରମୁଖ ।

# ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି

ବାରିପଦା, ୨୩/୦୮ (ନି.ପ୍ର): ବାରିପଦା ସହର ଉପକଣ୍ଠ ନିତୁଆପଦା ଅଂଚଳରେ ମୋବାଇଲ ଟାୱାରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି ହୋଇଛି । ଏନେଇ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି । ଟାୱାର ଠିକ ଭାବେ କାର୍ଯ୍ୟ କରୁନଥିବାରୁ ଯାଂଚ୍ ପ୍ରକ୍ରିୟା କରିଥିଲେ । ଯାହାକୁ ନେଇ ଯାଂଚ୍ କରିବାରୁ ଟାୱାରରେ ବ୍ୟାଟେରୀ ନଥିଲା । ଦୁର୍ବୃତ୍ତ ମାନେ ୪୩ଟି ବଡ଼ ବ୍ୟାଟେରୀ ଚୋରି କରିଥିବା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ବ୍ୟାଟେରୀର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଟେ । ତେବେ ବାରିପଦା ସହର ଓ ଆଖପାଖ ଅଂଚଳରେ ବାରମ୍ବାର ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ହେଉଛି ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୩ ଗିରଫ

ଜୟପୁର, ୨୩/୦୮ (ନି.ପ୍ର): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ପକ୍ଷରୁ ୩ଟି ସ୍ଥାନରେ ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଖଇରମୁଣ୍ଡି ଗ୍ରାମର ଧନପତି ଗଣ୍ଡ (୩୭), ପାତ୍ରପୁଟ ଗ୍ରାମର ଲଛମନ ପରଜା (୩୧), ଭଟ୍ଟାଛିଞ୍ଚିର ରଞ୍ଜନ କୁମାର ସାହୁ (୪୫) । ସୂଚନା ଅନୁଯାୟୀ, ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ପାଟ୍ରୋଲିଙ୍ଗ କରାଯାଉଥିବା ବେଳେ ଖଇରମୁଣ୍ଡି, ପାତ୍ରପୁଟ ଓ ଭଟ୍ଟାଛିଂଚିରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଚଢଉ ହୋଇଥିଲା । ଚଢଉ କରି ୨୬ ଲିଟର ଦେଶୀ ମଦ ଜବତ ହୋଇଛି । ୩ ଅଭିଯୁକ୍ତଙ୍କୁ ସଂନ୍ଧ୍ୟା ୫ଟାରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି ।

# ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ଜିଲ୍ଲାପାଳଙ୍କୁ ଦାବି ପ୍ରଦାନ

ମାଲକାନଗିରି, ୨୩/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ୧୫ ଗୋଟି ଆଦିବାସୀ ସମ୍ପ୍ରଦାୟର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ସହ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ୧୪ ଗୋଟି ଦାବି ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏଥିରେ ୧୫ ଗୋଟି ଆଦିବାସୀ ସମାଜର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ । ଏହି ସମସ୍ୟା ଗୁଡିକ ତୁରନ୍ତ ସମାଧାନ ହେଲେ ଆଦିବାସୀ ସମାଜ ର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସାମାଜିକ ଆର୍ଥିକ, ସଂସ୍କୃତି କ୍ଷେତ୍ରରେ ବୃଦ୍ଧି ଘଟିବ । ଏହି ସମସ୍ୟା ଗୁଡିକ ମଧ୍ୟରୁ ଜଙ୍ଗଲ ଜମି ପଟ୍ଟା, ଗୋଷ୍ଠି ଗତ ପଟ୍ଟା ପ୍ରଦାନ ଆଦିବାସୀ ଓ ବନବାସୀ ଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ, ଜିଲ୍ଲାରେ ଚାଷୀ ମାନେ ୟୁରିଆ ସାର ପାଇବାରୁ ବଂଚିତ ହୋଇଛନ୍ତି । ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ । ବେଆଇନ ଅନୁପ୍ରବେଶକାରିଙ୍କୁ ରୋକାଯାଉ, ମାଲକାନଗିରି ଜିଲ୍ଲା ଏକ ପଂଚମ ଅନୁସୂଚି ଅଂଚଳ ତେଣୁ କେବଳ ଆଦିବାସୀ ଗ୍ରାମ ଗୁଡିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଉ, ବିକାଶ ନାମରେ ବିଭିନ୍ନ ପ୍ରକଳ୍ପ ରେ ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରି ଥଇଥାନ କରାଯାଉ, ରେଳ ପଥ ନିମନ୍ତେ ଜମି ଅଧିଗ୍ରହଣ ରେ ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ସ୍କୁଲ କଲେଜ ରେ ଆଦିବାସୀ ନାବାଳିକା କ୍ଷେତ୍ରରେ ଅନ୍ୟାୟ, ଅତ୍ୟାଚାର ହେଉଛିଏହାର ତଦନ୍ତ କରି କାର୍ଯ୍ୟ । ନୁଷ୍ଠାନ ଗ୍ରହଣ କରାଯାଉ, ସ୍ୱାସ୍ଥ୍ୟ ସମସ୍ୟା, ଜଙ୍ଗଲ ଜାତ ଦ୍ରବ୍ୟ, ଖଣିଜ ସମ୍ପଦ ରେ ପତ୍ର, ମହୁଲ, ଟୋଲା, କେନ୍ଦୁ ପତ୍ର ଆଦିର ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ବେଆଇନ ବାଲିଘାଟ, ବେଆଇନ ପଥର କୁଆଁରୀ ଏହାର ପ୍ରଶାସନ ଉଚିତ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଉଚିତ ପଦକ୍ଷେପ ଗ୍ରହଣ କରାଯାଉ । ଏଭଳି ଅନେକ ସମସ୍ୟା ମାଲକାନଗିରି ଜିଲ୍ଲାରେ ଦୃଷ୍ଟି ଗୋଚର ହୋଇଛି ଯାହାକି ଜିଲ୍ଲା ପ୍ରଶାସନ, ସହ ରାଜନୈତିକ ନେତୃବୃନ୍ଦ ଦୃଷ୍ଟି ଦେବା ଆବଶ୍ୟତା ରହିଛି ବୋଲି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଡିଡ଼ାଇ ସମାଜ ସଭାପତି ବଂଶୀଧର ମୁଦୁଲି, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ଗାଦବା ସମାଜ ସଭାପତି ଭୀଷ୍ମ ଖିଲ, କନ୍ଧ ସମାଜ ସମ୍ପାଦକ ହରି ଗୋଲରୀ, ଭୂମିଆ ସମାଜ ସଭାପତି ସମାରୁ ନାୟକ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସମ୍ପାଦକ ଦେବେନ୍ଦ୍ର ଖିଲ, ସାନ୍ତାଳ ସମାଜ ସଭାପତି ବବୁଲୁ ମୁର୍ମୁ, ଦୁରୁଆ ସମାଜ ସଭାପତି ଗୁପ୍ତ ଦୁରୁଆ, କୋୟା ସମାଜ ସମ୍ପାଦକ ଏରା ପଡିଆମୀ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ କୋଷାଧକ୍ଷ ବୁଦ୍ରା କାର୍ତାମୀ ଓ ଆଦିବାସୀ ସମାଜ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।

# ସେଲ୍, ଆରଏସପି, ଆଇଜିଏଚର ସମର୍ପିତ ନ୍ୟୁରୋସର୍ଜରୀ ଦଳ ଦ୍ୱାରା ଜରୁରୀ ମେରୁଦଣ୍ଡ ଅସ୍ତ୍ରୋପଚାର ଯୋଗୁଁ ପୁନର୍ବାର ଚାଲିବା ଶକ୍ତି ଫେରିପାଇଲେ ରୋଗୀ



ରାଉରକେଲା, ୨୩/୦୮ (ନି.ପ୍ର): ରାଉରକେଲାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ସମର୍ପିତ ନ୍ୟୁରୋସର୍ଜରୀ ଦଳ ପୁଣିଥରେ ସେମାନଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିବା ସହିତ ମେରୁଦଣ୍ଡ ଅସ୍ତ୍ରୋପଚାରରୁ ସୁସ୍ଥତା ଲାଭ କରିବା ପାଇଁ ଦୀର୍ଘଅବଧି ଲାଗିଥାଏ ବୋଲି ଯେଉଁ ଧାରଣା ରହିଛି ତାହାକୁ ଭୁଲ ପ୍ରମାଣ କରିଛନ୍ତି । ଏହି ଡାକ୍ତରୀ ଦଳ ଜଣେ ୪୧ ବର୍ଷୀୟା ମହିଳା କର୍ମଚାରୀଙ୍କ ଉପରେ ଏକ ଜରୁରୀକାଳୀନ ଲୁମ୍ବାର ସ୍ପାଇନ୍ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପାଦନ କରି ରୋଗୀଙ୍କୁ ତହିଁ ପରଦିନ ପୁନର୍ବାର ଚାଲିବାକୁ ସକ୍ଷମ କରିଥିଲେ ।

ଡାକ୍ତରଖାନାରେ ଭର୍ତ୍ତି ହେବାର ତିନି ଦିନ ପୂର୍ବରୁ ରୋଗୀଙ୍କ ତଳି ପିଠି ସମେତ ଉଭୟ ଗୋଡରେ ପ୍ରବଳ ଯନ୍ତ୍ରଣା, ଠିଆ ହେବା ଓ ଚାଲିବା, ଶୋଇବା ସମୟରେ ଯନ୍ତ୍ରଣା ସହିତ ପରିସ୍ରା ଏବଂ ପାଇଖାନା ଯିବାରେ ଅସୁବିଧା ହେତୁ ତାଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା । ଏମଆରଆଇ ପରୀକ୍ଷାରୁ ତାଙ୍କର ଏଲ୫-ଏସ୧ ଏକ୍ସଟ୍ରୁଡେଡ୍ ଡିସ୍କ ରହିଥିବା ଜଣାପଡିଥିଲା ଯାହା କାଉଡା ଇକ୍ୱିନା ସିଣ୍ଡ୍ରୋମ ସ୍ଥିତି ସୃଷ୍ଟି କରେ ଯେଉଁ ଅବସ୍ଥାରେ ରୋଗୀ ତୁରନ୍ତ ଚିକିତ୍ସା ଆବଶ୍ୟକ କରିଥାନ୍ତି । ଏଥିପାଇଁ ତାଙ୍କୁ ତୁରନ୍ତ ନ୍ୟୁରୋସର୍ଜରୀ ବିଭାଗକୁ ପଠାଯାଇଥିଲା ଯେଉଁଠାରେ ତାଙ୍କର ଜରୁରୀକାଳିନ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ ହୋଇଥିଲା ।

ଏହି ଅସ୍ତ୍ରୋପଚାରଟି ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ଏବଂ ଏଥିରେ ଅତିରିକ୍ତ ସିଏମ୍‌ଓ ଡାକ୍ତର ମନୋରଞ୍ଜନ ସାମନ୍ତରାୟଙ୍କ ନିଶ୍ଚେତକ ସହାୟତା ଏବଂ ସିଷ୍ଟର ଗୋଧୂଳି ଏବଂ ବ୍ରଦର କମଳାକର ଅପରେସନ କାଳୀନ ସହାୟତା ଯୋଗାଇଥିଲେ ।

ଅସ୍ତ୍ରୋପଚାର ପରେ ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା । ଏଥି ସହିତ ଅସ୍ତ୍ରୋପଚାରର ପରଦିନ ସେ ଠିଆ ହେବା ଏବଂ ଚାଲିବା ପାଇଁ ସକ୍ଷମ ହେବା ସହିତ ତାଙ୍କର ପୂର୍ବ ଅସ୍ତ୍ରୋପଚାର ଯନ୍ତ୍ରଣାରୁ ପ୍ରାୟ ୭୦% ହ୍ରାସ ହୋଇଥିବା ସନ୍ତୁଷ୍ଟି ପ୍ରକାଶ କରିଥିଲେ । ସେ ପୂର୍ବାପେକ୍ଷା ଅଧିକ ସୁସ୍ଥତା ଅନୁଭବ କରୁଛନ୍ତି ।

ଡାକ୍ତରଙ୍କ ଉକ୍ତ ସଫଳତା ପୁଣିଥରେ ଆଇଜିଏଚର ନ୍ୟୁରୋସର୍ଜରୀ ଦଳର କ୍ଲିନିକାଲ୍ ଉତ୍କୃଷ୍ଟତାକୁ ସୁଦୃଢ଼ କରିଛି, ଯାହା ରାଉରକେଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୋଗୀମାନଙ୍କୁ ଉନ୍ନତତର ଜୀବନ ପରିବର୍ତ୍ତନକାରୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛି ।

# ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡାଦେଶ

ବାରିପଦା, ୨୩/୦୮ (ନି.ପ୍ର): ମୟୂରଭଞ୍ଜ ଆଡ଼ ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଆସାମୀ ଜଣକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ କୁସୁମୀ ଗ୍ରାମର ବୀରସିଂ ହାଁସଦା (୬୦) । ସୂଚନାଯୋଗ୍ୟ, ଗତ ୨୮ ମଇ ୨୦୨୪ରେ ଜନୈକା ଦିବ୍ୟାଙ୍ଗ ନାବାଳିକା ଜଣକ ଗ୍ରାମ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ । ସେଠାରୁ ଘରକୁ ଫେରିବା ରାସ୍ତାରେ ଆସାମୀ ଜଣକ ତାଙ୍କୁ ଏକୁଟିଆ ପାଇ ଅପହରଣ କରି ନେଇଥିଲେ । ନାବାଳିକାକୁ ୨ ଦିନ ଲୁଚାଇ ରଖି ଦୁଷ୍କର୍ମ କରିଥିଲେ । ଘରକୁ ଫେରିବା ପରେ ପୀଡିତା ନାବାଳିକା ଜଣକ ଘଟଣା ବାବଦରେ ପରିବାର ଲୋକଙ୍କୁ କହିଥିଲା । ଯାହାକୁ ନେଇ ବାଦାମପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି । ଏହା ସହିତ ପୀଡିତା ନାବାଳିକାକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅପରେସନ ମିସିଙ୍ଗ ମୋବାଇଲ : ୧୭ଟି ମୋବାଇଲ ଜବତ

ଜୟପୁର, ୨୩/୦୮ (ନି.ପ୍ର): ଅପରେସନ ମିସିଙ୍ଗ ମୋବାଇଲ ଆରମ୍ଭ କରି ସଫଳ ହୋଇଛି ଜୟପୁର ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏକ ସମ୍ବାଦିକ ସମ୍ମିଳନିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ବିତ୍ କୁମାର ମହାନ୍ତି ଉପସ୍ଥିତ ରହି ସୂଚନା ଦେଇଛନ୍ତି । ଏହି ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ । କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅପରେସନ ମିସିଙ୍ଗ ମୋବାଇଲ ଆରମ୍ଭ କରାଯାଇଥିଲା । ସାଇବଲ ସେଲ ଟେକନିକାଲ ଟିମ, ଜୟପୁର ପୋଲିସ ଉପଯୁକ୍ତ ଟ୍ରାକିଂ ବ୍ୟବସ୍ଥା କରି ହଜି ଯାଇଥିବା ୧୭ଟି ମୋବାଇଲକୁ ଉଦ୍ଧାର କରିଛି । ହଜିଥିବା ମୋବାଇଲ ଉଦ୍ଧାର ସହ ସମ୍ପୃକ୍ତ ମୋବାଇଲଙ୍କୁ ମାଲିକଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ମୋବାଇଲ ହଜିଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏହି ଅପରେସନ ମାଧମରେ ୧୭ଟି ମୋବାଇଲକୁ ଉଦ୍ଧାର କରି ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରିଛି । ଏହାଦ୍ୱାରା ଲୋକଙ୍କୁ ମଧ ସଚେତନ କରିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ଅଗଷ୍ଟ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୧୧୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପ୍ରତ୍ୟହ ଗାଧୋଇ ଆସି ମୁଁ ସିନ୍ଦୂର ପିନ୍ଧିବାବେଳେ ପ୍ରଭୁ ମୋର କହନ୍ତି, ସତରେ ସୀତା ତୁମ ମସ୍ତକର ଏ ସିନ୍ଦୂର ଟୋପା ଦେଖିଲେ ମୋର କ'ଣ ମନେହୁଏ ଜାଣ, ଏ ଜଗତର ସକଳ ସୁଖ ଯେମିତି ସିନ୍ଦୂର ଗାର ହୋଇ ତୁମ ମସ୍ତକରେ ଝଟକୁଛି । ଆଉ ଏ ସିନ୍ଦୂର ଟିପା ଆମ ସୂର୍ଯ୍ୟବଂଶର ଉଦୟକାଳୀନ ସୂର୍ଯ୍ୟର ପ୍ରତୀକ ରୂପେ ମୋତେ ଦେଖାଯାଏ । ଅଥଚ ଆଜି ସେ ସୀତା ମସ୍ତକରେ ସିନ୍ଦୂର ନାହିଁ । ଏହାକହି ସେ ସିନ୍ଦୂର ଫରୁଆ ଖୋଲି ତହିଁରୁ ସିନ୍ଦୂର ନେଇ ଅର୍ଦ୍ଧଚନ୍ଦ୍ରାକୃତିରେ ପିନ୍ଧାଇ ଦେଇଥିଲେ ସୁବର୍ଣ୍ଣ ସୀତା ମସ୍ତକରେ । ବିଛଣାରେ ଶୋଇଥିବା ସ୍ୱାମୀ ତାଙ୍କର ଖୁବ୍ ଜୋର ପାଟି କରି ଉଠିଥିଲେ ସୀତା, ସୀତା, ସୀତା । ପାଟିଶୁଣି ଛପି ଯାଇଥିଲେ ଆତ୍ମା ସୀତା । ଧାଇଁ ଆସିଥିଲେ ଅଯୋଧ୍ୟା ପୁରର ନରନାରୀ । କୌଶଲ୍ୟା, କୈକେୟୀ ଆଦି ମାତାମାନେ । କ'ଣ ହୋଇଛି କ'ଣ ହୋଇଛି ରାମର ।

ସୀତା ଆସିଥିଲା ମୋ ସୀତା ଆସିଥିଲା ମା । ମୁଁ ତାକୁ ଦେଖିଛି ।

ମୋ ସ୍ୱାମୀଙ୍କ ପାଖକୁ ଲାଗିଆସି କୌଶଲ୍ୟା ମାତା ତାଙ୍କ ମୁଖକୁ ପୋଛି ଦେଇ କହିଥିଲେ ତୁ ପାଗଳ ହେଲୁକି ରାମ । ଏତେ ରାତିରେ ଏକାକୀ ସୀତା ଏଠାକୁ ଆସିବ କିପରି ? କେଉଁଠି ତୁ ତାକୁ ଛାଡ଼ିଛୁ ତାର ଠିକଣା ନାହିଁ । ଆଜି ଦଶବର୍ଷ ପରେ ସୀତା ସୀତା ହେଲେ ସେ କ'ଣ ତୋ ନିକଟକୁ ଧାଇଁ ଆସିବ ।

ମାତା କୌଶଲ୍ୟାଙ୍କ କଥା ଶୁଣି ସେ, କହିଥିଲେ ମୋତେ ବିଶ୍ୱାସ କର ମା ମୋ ସୀତା ଆସିଥିଲା । ଏହି ଦେଖ ଏତେଦିନ ଚେଷ୍ଟାକରି ଆମେ କେହି ଯେତେବେଳେ ଏ ସୁନା ସୀତା ମୁଣ୍ଡରେ ସିନ୍ଦୂର ଦେଇ ପାରିନଥିଲୁ, ମୋ ସୀତା ଆସି ତା ମସ୍ତକରେ ସିନ୍ଦୂର ପିନ୍ଧାଇ ଦେଇ ଯାଇଛି । ମୋ ସୀତା ଆସିଥିଲା ମା । ମୋ ସୀତା ଆସିଥିଲା ।

ସୀତା.... ସୀତା.... ଜୋରରେ ପାଟିକରି ଉଠିଥିଲେ ସେ ।

ପ୍ରଭୁ... ପ୍ରଭୁ.... କହି ବିଛଣାରେ ଉଠିବସିଥିଲେ ସୀତାଦେବୀ । କ'ଣ ମୁଁ ଦେଖିଲି ପ୍ରଭୁ । ମୋ ନେତ୍ର ପବିତ୍ର ହୋଇଗଲା । ଆତ୍ମା ଚରିତାର୍ଥ ହୋଇଗଲା । ଜୀବନ ଧନ୍ୟ ହୋଇଗଲା ।



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଏହି ସମୟରେ ଘର ଭିତରକୁ ପଶିଆସି ତପସ୍ୱିନୀ ଅନୁକମ୍ପା କହିଥିଲେ କ'ଣ ହେଲା ମା ଜାନକୀ ? ପ୍ରଭାତ ମୁହୂର୍ତ୍ତରେ କିଛି ସ୍ୱପ୍ନ ଦେଖିଲୁକି ?

ଅନୁକମ୍ପାଙ୍କୁ ପ୍ରଣାମ କରି ସୀତାଦେବୀ କହିଥିଲେ ହଁ ମା ମୁଁ ଆଜି ଏକ ଅପୂର୍ବ ସ୍ୱପ୍ନ ଦେଖିଛି । ମହର୍ଷି ବାଲ୍ମିକୀ ମୋତେ କହି ଯାଇଥିଲେ ଆଜି ରାତିରେ ମୁଁ ଅନେକ କିଛି ଦେଖିପାରିବି ବୋଲି ।

ସେ ଯାହା କହି ଯାଇଥିଲେ ତାହା ସତ୍ୟ ମା, ତୁ ଯାହା ଦେଖିଲୁ ତାହା ବି ସତ୍ୟ । ରାତିପାହି ଆସିଲାଣି । ଏହି ପ୍ରାତଃ ମୁହୂର୍ତ୍ତରୁ ମହର୍ଷି କୁଶ ଲବକୁ ନେଇ ନୈମିଷାଅରଣ୍ୟ ଯାତ୍ରା କରିବେ । କୁଶ ଲବ ଆସୁଛନ୍ତି ତୋ ପାଖରୁ ଆଶୀର୍ବାଦ ନେଇ ଯିବାକୁ ।

ଅନୁକମ୍ପାଙ୍କ ତୁଣ୍ଡରୁ ବଚନ ନସରୁଣୁ କୁଶ ଲବ ଆସି ମାଆଙ୍କୁ ପ୍ରଣାମ କରି କହିଥିଲେ, ମା' ମହର୍ଷି ଆମ ଦୁଇଭାଇଙ୍କ ସହିତ କିଛି ମୁନିକୁମାର କୁମାରୀଙ୍କୁ ନେଇ ଅଯୋଧ୍ୟାର ନୈମିଷାରଣ୍ୟକୁ ଯାତ୍ରା କରିବେ । ଆମେ ଯିବା ରାଜା ରାମଚନ୍ଦ୍ରଙ୍କ ଯଜ୍ଞାନୁଷ୍ଠାନ ଦେଖିବାକୁ । ସେଠାରେ ଆମେ ରାମାୟଣ ଗାନ କରିବୁ ।

ପୁତ୍ରଦ୍ୱୟଙ୍କୁ ପାଦତଳୁ ଉଠାଇ କାନ୍ଦିକାନ୍ଦି ଦେବୀ ଜାନକୀ କହିଥିଲେ କୁଶ, ଲବ ଅଯୋଧ୍ୟାର ପ୍ରଜାହିତକାରୀ ରାଜା ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରୁଛନ୍ତି । ତୁମେ ଦୁହେଁ ସେ ସ୍ଥାନକୁ ଯାଉଛ । ସେ ଯଜ୍ଞକୁ ଆସିଥିବା ସମସ୍ତ ସାଧୁ ସନ୍ଥ ମୁନିଋଷିଙ୍କୁ ଯଥାମାନ୍ୟ ଦେବ । ଅଯୋଧ୍ୟାର ରାଜାମାତାଗଣ, ପ୍ରଭୁ ଶ୍ରୀରାମଙ୍କ ଅନୁଜ ଭ୍ରାତା ତଥା ତାଙ୍କ ପତ୍ନୀ ସମସ୍ତଙ୍କୁ ପ୍ରଣାମ ଜଣାଇବ । ତୁମର ପରିଚୟ ପଚାରିଲେ, ତୁମେ ଏକ ତପସ୍ୱିନୀର ପୁତ୍ର ବୋଲି ପରିଚୟ ଦେବ । ଆଉ କିଛି କହିବ ନାହିଁ । ପ୍ରଭୁ ଶ୍ରୀରାମଙ୍କ ପାଦତଳେ ମସ୍ତକ ଲୋଟାଇ ଦେବ । ସେ ରାଜା। ରାଜାଙ୍କୁ ପ୍ରଣାମ ଜଣାଇବା ତୁମର ଏକାନ୍ତ କର୍ତ୍ତବ୍ୟ ।

ସୀତାଙ୍କ କଥା ଶୁଣି ଲବକୁଶ କହିଥିଲେ ମା' ମହର୍ଷି ବାଲ୍ମିକୀଙ୍କ ଶିଷ୍ୟଙ୍କୁ କ'ଣ ଏକଥା ଶିଖାଇବାକୁ ପଡ଼ିବ । ଆମେ ସେଠାରେ ଉପସ୍ଥିତ ସମସ୍ତ ଗୁରୁଜନଙ୍କ ପାଦତଳେ ଆମ ଶିର ନୁଆଇଁ ଦେବୁ । ସେଠାରେ ଯେତେଦିନ ଆମେ ରହିବୁ ମହର୍ଷି ଆମକୁ ନିର୍ଦ୍ଦେଶ ଦେଇଛନ୍ତି, ଆମେ ଦୁଇଭାଇ ତାଙ୍କ ରଚିତ ରାମାୟଣ ଗାନ କରିବୁ।

ଭୋ ଭୋ ହୋଇ କାନ୍ଦି ଦୁଇ ସନ୍ତାନଙ୍କ ମସ୍ତକ ଚୁମ୍ବନ କରି ସୀତାଦେବୀ କହିଥିଲେ ଧନରେ ତୁମେ ମୋର ପ୍ରାଣ । ତୁମେ ମୋର ନୟନର ପିତୁଳା । ତୁମ ବିହୁନେ ମୁଁ ଅନ୍ଧ । ତୁମକୁ ଆଶୀର୍ବାଦ କରୁଛି ତୁମେ ଅଯୋଧ୍ୟା ଯାଇ ରାମାୟଣ ଗାନ କରି ମହର୍ଷିଙ୍କ ମନୋକାମନା ପୂର୍ଣ୍ଣ କରି ଶୀଘ୍ର ଫେରିବ ।

ମାତାଙ୍କୁ ପୁନଃ ପ୍ରଣାମ କରି ମାତାଙ୍କ ଚକ୍ଷୁରୁ ଅଶ୍ରୁଜଳ ପୋଛିଦେଇ, କୁଡ଼ିଆ ବାହାରକୁ ବାହାରି ଆସିଥିଲେ କୁଶ ଲବ ।

ତାଙ୍କ ଚଲାପଥକୁ ଅପଲକ ନୟନରେ ଅନାଇ ଅଶ୍ରୁ ଢାଳୁଥାନ୍ତି ଦେବୀ ବୈଦେହୀ ।

### ॥ ଏକୋଇଶ ॥

ଅଯୋଧ୍ୟାର ନୈମିଷାଅରଣ୍ୟରେ ଆରମ୍ଭ ହେବ ମହାଆଡ଼ମ୍ବରରେ ଅଶ୍ୱମେଧ ଯଜ୍ଞ । ଏହି ସମୟକୁ ରାଜା ରାମଚନ୍ଦ୍ରଙ୍କ ଯଶ ଖ୍ୟାତି ସମଗ୍ର ସସାଗରା ଧରାରେ ବ୍ୟାପୀ ଯାଇ ରଘୁବଂଶର ମର୍ଯ୍ୟାଦାକୁ ପ୍ରତିଷ୍ଠା କରି ସାରିଥାଏ । ଅଯୋଧ୍ୟାରେ ବସବାସ କରୁଥିବା ପ୍ରଜାକୁଳ ଠାରୁ ଆରମ୍ଭ କରି ମୁନି, ଋଷି, ସାଧୁ, ସନ୍ଥ, ବେଦଜ୍ଞ ପଣ୍ଡିତ ସଭିଙ୍କ ମୁଖରେ ରାମଚନ୍ଦ୍ରଙ୍କ ପ୍ରଶଂସା । ଏଭଳି କୀର୍ତ୍ତିମାନ, ଯଶସ୍ୱୀ ପ୍ରଜାପାଳକ, ସାଧୁସନ୍ଥ ସେବକ ରାଜା ପୂର୍ବରୁ ସୂର୍ଯ୍ୟ ବଂଶରେ କେହି ଅଦ୍ୟତନ ହୋଇନଥିଲେ । ଯଦ୍ୟପି ତାଙ୍କ ପୂର୍ବରୁ ରାଜା ରଘୁ, ରାଜା ଦୀଲିପଙ୍କ ଖ୍ୟାତି ନରଲୋକରୁ ଦେବଲୋକ ଯାଏ ବ୍ୟାପୀ ଯାଇଥିଲା । ତାଙ୍କ ଠାରୁ ପୁରୁଷୋତ୍ତମ ରାମ ଦାନ, ଯଶ, ତ୍ୟାଗ, ଦୟା, କ୍ଷମା ଆଦି ଗୁଣରେ ଯେ ବଳି ଯାଇଛନ୍ତି ଏକଥା ଦେବତା, ମାନବ, ରକ୍ଷ, ଯକ୍ଷ, ନାଗ ସମସ୍ତେ ସ୍ୱୀକାର କରୁଛନ୍ତି । ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର ନିଜ ପ୍ରଜାଙ୍କ କୁଶଳ, ପ୍ରଜାଙ୍କ ସୁଖ, ଦୁଃଖ, ଯଶବୃଦ୍ଧି ପାଇଁ ତଥା ପୃଥିବୀକୁ ଶସ୍ୟଶ୍ୟାମଳା କରିବା ପାଇଁ ଦେବତା, ବିପ୍ର, ମୁନି, ଋଷିଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ କରୁଛନ୍ତି ଅଶ୍ୱମେଧ ଯଜ୍ଞର ଆୟୋଜନ। ଏ ଯଜ୍ଞକୁ ସେ ଆର୍ଯ୍ୟାବର୍ତ୍ତର ସମସ୍ତ ମୁନିଋଷି, ବେଦଜ୍ଞ ପଣ୍ଡିତ, ସାଧୁସନ୍ଥ ତଥା ପ୍ରତ୍ୟେକ ରାଜ୍ୟର ରାଜାମାନଙ୍କୁ ନିମନ୍ତ୍ରଣ କରିଛନ୍ତି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ମନର ପରିଭାଷା

**ଅନୀତା ପଟ୍ଟନାୟକ**



ଆଜି ପର୍ଯ୍ୟନ୍ତ ମୁଁ ତିନି ଚାରୋଟି ପିଲାମାନେ ଦେଇଥିବା ଉତ୍ତର ମୋ ପାଖରେ ରଖିଛି। ମୋ ପକ୍ଷେ ସେ ଉତ୍ତର ପତ୍ର ଗୁଡ଼ିକୁ ମୂଲ୍ୟାଙ୍କନ କରିବା ବା କାହାକୁ ପ୍ରଥମ, କାହାକୁ ଦ୍ୱିତୀୟ କାହାକୁ ତୃତୀୟ କରିବା ସମ୍ଭବପର ହୋଇପାରିନାହିଁ। ପାଠକମାନେ ଯଦି ଚାହିଁବେ ଓ ତାର ମୂଲ୍ୟାଙ୍କନ କରିଦେବ, ମୁଁ ଅତ୍ୟନ୍ତ ଆନନ୍ଦିତ ହେବି। ବିଷୟବସ୍ତୁ ଥିଲା 'ମନ' ଉପରେ କିଛି ଧାଡ଼ି ଲେଖିବା ପାଇଁ।

ଦ୍ରୌପଦୀ ନାମ୍ନୀ ଗୋଟିଏ ଛାତ୍ରୀ ଏହିପରି ଲେଖିଥିଲା ମନରୁ କାମ ଜାତ ହୁଏ। ଏହା ଏକ ମାରାତ୍ମକ ରୋଗ। ମନରୁ ମୋହ ସୃଷ୍ଟି ହୁଏ ଏହାଏକ ଭୟଙ୍କର ଶତ୍ରୁ। ମନରୁ କ୍ରୋଧ ସୃଷ୍ଟି ହୁଏ ଏହା ଏକ ଜ୍ୱଳନଶୀଳ ଅଗ୍ନି। ମନରୁ ହିଁ ସୃଷ୍ଟି ହୁଏ ଷଡ଼ଯନ୍ତ୍ରକାରୀ ଚିନ୍ତାଧାରା, ମନ ଓ ଇନ୍ଦ୍ରିୟଲାଳସା ମିଶି ସୃଷ୍ଟି କରନ୍ତି ଦୁର୍ଦ୍ଦଶା। ମନ ସୁଖ ପ୍ରାପ୍ତି, ଦୁଃଖ ନିବୃତ୍ତି ମଣିଷ ଭିତରେ ସୃଷ୍ଟି କରେ। ମନ ମଣିଷକୁ ବିଭ୍ରାନ୍ତ କରେ। ଏଥିରୁ ମୁକ୍ତି ପାଇବାକୁ ହେଲେ ଜ୍ଞାନ ସହିତ ମିତ୍ରତା କରିବାକୁ ପଡ଼ିଥାଏ। ପଲ୍ଲବୀ ନାମ୍ନୀ ଏକ ଛାତ୍ରୀ ଏହିପରି ପ୍ରବନ୍ଧର କିଛି ଧାଡ଼ି ଲେଖିଥିଲା। ମନ ଜୀବନ ସାରା ମଣିଷକୁ ଆଗକୁ ଠେଲେ ଓ ପଛକୁ ଭିଡ଼ି ଟଣା ଓଟରା କରୁଥାଏ। ମନ ମଣିଷ ମଧ୍ୟରେ ଆନନ୍ଦର ଧାରଣା ଦିଏ। ମନ ବହୁଧ ସୁଖର ରୂପ ଦିଏ, ମନ ଧ୍ୱଂସ କରୁଥିବା ଦ୍ୱେଷକୁ ସୃଷ୍ଟି କରେ। ମନ ମଣିଷକୁ ଖୁସି କରୁଥିବା ବୋମାର ଆକାରକୁ ଦିଏ। ମନରୁ ସୃଷ୍ଟି ହୁଏ, ମନୋଭାବ, କାମନା ଓ ବାସନା। ମନ ଦିବ୍ୟ ବିଶ୍ୱର ଅଭିବ୍ୟକ୍ତି ଅଟେ। ମଣିଷ ଭୁଲି ଯାଇଛି ଯେ ଭଗବାନଙ୍କ ମନରୁ ଏହି ବିଶ୍ୱ ଜାତ। ଭଗବାନଙ୍କ ମନର କାମନା ହେଉଛି 'ଏକ ଅହଂ ବହୁସ୍ୟାମି' ତେଣୁ ମଣିଷର ମନ ଭଗବାନଙ୍କ କାମନାରୁ ଜାତ, ଅଙ୍କୁରିତ ବିସ୍ତାରିତ।

ମନ ନିର୍ମଳ ହେଲେ ଜଗତ ଅନୁଭୂଳ ହୁଏ। ମନ ଆବିଳ ହେଲେ ସଂଶୟର ସ୍ୱାଦ ସୃଷ୍ଟି ହୁଏ। ମନକୁ ସଂକ୍ରମଣ ମୁକ୍ତ କରିବାର ଉପାୟ ଭଗବାନଙ୍କ ଉପରେ ନିୟମିତ ଧ୍ୟାନ, ଆଧ୍ୟାତ୍ମିକ ସାଧନା, ଯଥା - ଭଜନ, ନଗର ସଂକୀର୍ତ୍ତନ ଜପ, ପରନିନ୍ଦା ପରଚର୍ଚ୍ଚାରୁ ନିବୃତ୍ତ ହେବା, ମଧୁର ସ୍ୱରରେ ବାକ୍ୟାଳାପ କରିବା ଇତ୍ୟାଦି।

ମନ ନିର୍ମଳ ହେଲେ ଜଗତ ଅନୁଭୂଳ ହୁଏ। ମନ ଆବିଳ ହେଲେ ସଂଶୟର ସ୍ୱାଦ ସୃଷ୍ଟି ହୁଏ। ମନକୁ ସଂକ୍ରମଣ ମୁକ୍ତ କରିବାର ଉପାୟ ଭଗବାନଙ୍କ ଉପରେ ନିୟମିତ ଧ୍ୟାନ, ଆଧ୍ୟାତ୍ମିକ ସାଧନା, ଯଥା - ଭଜନ, ନଗର ସଂକୀର୍ତ୍ତନ ଜପ, ପରନିନ୍ଦା ପରଚର୍ଚ୍ଚାରୁ ନିବୃତ୍ତ ହେବା, ମଧୁର ସ୍ୱରରେ ବାକ୍ୟାଳାପ କରିବା ଇତ୍ୟାଦି।

ଶ୍ରେଷ୍ଠା ନାମକ ଆଉ ଏକ ଛାତ୍ରୀ ଏହିପରି ଲେଖିଥିଲା - ମନ ବୁଦ୍ଧି ଅଭିମୁଖି ହେବା ଉଚିତ। ମନକୁ ତିକ୍ତତାରୁ ମୁକ୍ତ କରାଯିବା ଉଚିତ। ମନକୁ ବିଶ୍ୱପ୍ରେମ, ଅମୃତରେ ବୁଦ୍ଧିମନ୍ତ କରିବା ଉଛିତ, ମନ ଅସରନ୍ତି ଭାବ ସୃଷ୍ଟି କରୁଥିବା ଭାବନାକୁ ସମାପ୍ତ କରିପାରେନାହିଁ। ମନ ଭିତରେ ଅସରନ୍ତି ଭାବ ଅଙ୍କପରି ବଢ଼ିଚାଲେ। ମନ କାମର କୁଣ୍ଡଳୀ ସୃଷ୍ଟି କରେ ଏବଂ ରାମଙ୍କ ପାଖକୁ ଯିବାକୁ ଦିଏନାହିଁ। ମନ ଏକ ମୁହୂର୍ତ୍ତରେ ମଣିଷର ଅଧ୍ୟୟନ, ସେ ପାଇଥିବା ଉପଦେଶ ଓ ସତସଙ୍ଗକୁ ବୃଥା କରିଦିଏ। ମନ ଏପରି ସବୁ କରିପାରିଥାଏ କାରଣ ମଣିଷ ସେଗୁଡ଼ିକୁ ଚେତନା ଓ ଆନନ୍ଦରେ ପ୍ରବେଶ କରାଇ ପାରିନଥାଏ। ତେଣୁ ମଣିଷକୁ ଭଗବାନଙ୍କ ରୂପ, ଯଶ, ମହିମାରେ ମନକୁ ବାନ୍ଧି ପାରିଲେ ମନ ସୃଷ୍ଟି କରୁଥିବା ଶିଙ୍କୁଳି ଛିଣ୍ଡି ଯାଇଥାଏ।

ଶ୍ୱେତାନାମ୍ନୀ ଏକ ଛାତ୍ରୀ ମନ ଉପରେ ଏହିପରି ଲେଖିଥିଲା - ମନ କାମନା ଓ ବର ଚାହେଁ। ମନ ଅପବିତ୍ର ସୁଖ ଲାଭ କରିବା ପାଇଁ ଚେଷ୍ଟିତ ହେବାବେଳେ ମନ ସୃଷ୍ଟି କରୁଥିବା ଅହଂକାର ସବୁ ପ୍ରକାର ଚତୁରତା କରୁଥାଏ। ମନରେ ଦୁଇ ପ୍ରକାରର ଭାବନା ଅଛି। ପ୍ରଥମତଃ ଏକତ୍ୱକାରୀ, ଦ୍ୱିତୀୟତଃ ପୃଥକ। ମନ ଦେହ ବିଷୟରେ ବିଚାରଶୀଳ। ସ୍ୱାସ୍ଥ୍ୟଗତ ବିଷୟରେ ଚିନ୍ତାମଗ୍ନ ହୁଏ। ମନ ଭୌତିକ ଅଧିକାର ପାଇଁ ଉଦବିଗ୍ନ ହୁଏ। ଭଗବାନଙ୍କର ସହାୟତା ପାଇଁ ଚିନ୍ତାଶୀଳ ହୁଏ। ମନ ରୂପଥିବା ଛବିକୁ ସମ୍ମାନ କରିବା ପାଇଁ ପ୍ରବର୍ତ୍ତାଇଥାଏ। ମଣିଷ ଭୁଲିଯାଏ ଯେ ତାକୁ ଚିନ୍ତା କରିବାକୁ ପ୍ରର୍ବତ୍ତାଉଛି କିଏ ? ଯଦି ସେ ଜାଣିଯିବ ସେ ମୁକ୍ତିଲାଭ କରିବ।

♥ ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ,
ମୋ : ୯୬୯୨୯୮୦୦୨୬

## କବିତା...

### ଅନିଷା !!
**ଜିତେନ୍ଦ୍ର ପରିଡା**



ମୁଁ ସ୍ଥିର ସ୍ଥବିର
କୋଳାହଳ ଠାରୁ ଅନେକ ଦୂର
ସାମ୍ନାରେ ପଡା ଟେବୁଲ୍
ମୁଣ୍ଡ ଉଠେଇଲେ ବାତାୟନ
ବାତାୟନ ସେକଡେ
ନୀଳାଭ ଆକାଶ
ଓଦା ଜରଜର ଜଙ୍ଗଲ
କଳଙ୍କି ଲଗା ସମୟ
ପିଛିଳ ରେଳପଥ
ଅନିଷା କରି ରହିଛି ତୁମର
କେବେ ବି ନ ଫେରିବା ବାଟ ।

ଶେଷ ରେଳ ଚାଲି ଗଲାଣି
କାହିଁ କେତେବେଳୁ
ତମେ ହୁଏତ ଘୁମେଇ ପଡିଥିବ
ବଗି ଭିତରେ ନା ଝର୍କା ଖୋଲି
ଗଣୁଥିବ ପଛରେ ଛାଡି ଯାଉଥିବା
ଅତୀତର ସୁନେଲି ସ୍ୱପ୍ନମାନଙ୍କୁ ।

ଗୋଟାଏ ପରିପୂର୍ଣ୍ଣ ଜୀବନ
ଜୀଇଁ ହେଲା କୋଉଠି .... ?
ସବୁବେଳେ ସଂଙ୍କୋଚରେ
ତେଲଗୁଣୀ ପୋକ ଭଳି
'0' ଟିଏ ପାଲଟି ବାକୁ ପଡିଲା
ସମସ୍ତ ଙ୍କ ଅଜାଣତରେ
ମଲାମାଛ ଆଖିନେଇ
ନିରେଖିବାକୁ ପଡିଲା ନିଜକୁ
ବାରମ୍ବାର ଜହ୍ନ ଓ ତାରାଙ୍କୁ
ଗଣିବାକୁ ପଡିଲା ଭୁଲ ହେବା ସତ୍ତ୍ୱେ ।

ଥାଉ ଏ ଗଣାଗଣି .....
ପ୍ରେମର ଗଣିତ ମୋ ଦ୍ୱାରା ହେଲାନି
ଝୁଣ୍ଟିବା ଖାଲି ସାର
ଦେଖ ସେଥିପାଇଁ ମୁଁ ଏବେବି
ତୁମେ ଛାଡି ଯାଇଥିବା ଯାଗାରେ
ମୂର୍ତ୍ତୀଟିଏ ଭଳି ଅପେକ୍ଷାରତ ।

♥ ଶରତକୁଟୀର
କେନ୍ଦୁଝର ଗଡ-୧
(ମୋ) ୯୪୩୭୦୦୬୧୯୬



### ଏବେ ଏବେ
**ସୁଧୀର ମେହେର**

ଏଇ ଏବେ ଏବେ
ଅନେକ କଥା ଜାଣି ପାରୁଚି,
ବୁଝି ପାରୁଚି ଆଉ ଶିଖି ପାରୁଚି ବି ।

ଜାଣି ପାରୁଚି-କାହାକୁ
ଆବଶ୍ୟକତା ଠାରୁ ଅଧିକ ଭଲପାଇବା
ଜମା ଭଲ ନୁହଁ,
କୁଆଡେ ତା'ମନରେ ଅହଂକାର ଆସେ
ତା'ର ଲୋଡିବାପଣକୁ ନେଇ,
ସେ ଖୋଜି ବସେ
ମାତ୍ରାଧିକ ଭଲପାଇବାର କାରଣ ।

ବୁଝୁଚି ବି
କାହା ଉପରେ ଭରସା କରି
ନିଜର ସର୍ବସ୍ୱ ଲୁଟେଇ ଦେଇ
ନିଜକୁ ଖତ କରି ଦେବା ବି ଠିକ୍ ନୁହଁ,
କାହିଁକି ନା ଅବିକା ସମୟରେ -
ମାଁ ପେଟର ଭାଇ ବି
ଭୂଲି ଯାଉଛି ରକ୍ତର ସଂପର୍କ ।

ଅବିକା ସମୟରେ
ଆପେ ବଞ୍ଚିଲେ ବୋପାର ନାଁ,
ଭାଇ, ବନ୍ଧୁ, ସଖା, ସହୋଦର ସବୁ
ନାମକୁ ମାତ୍ର !
କିଏ କେବେ
ମନେ ପକାଏନି ଗଲା କଥା,
ମନେ ରଖେନି -
କାହା ଝାଳ ନାଳ, ଲୁହ ଲହୁର ବଳିଦାନ,
ସାଥି କେବଳ ସୁଖଦ ସମୟର
ବର୍ତ୍ତମାନର ।

ସତରେ
କେତେ ବଦଳି ଗଲୁଣି ଆମେମାନେ,
କେତେ ବଦଳି ଗଲାଣି ସଂସାର !!

♥ ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪,
(ମୋ) -୯୫୮୩୫୮୮୮୮୭

### ତୁମ ଆଗମନେ
**ପୂଜା ସା**



ଲେଖିଛି ମୁଁ ପ୍ରେମକୁ ନେଇ ଅନେକ ଗାଥା
କିନ୍ତୁ ଭାବିନଥିଲି ତୁମର ସ୍ନିଗ୍ଧ ଆଗମନରେ
ମୋର କବିତାର ପ୍ରତ୍ୟେକ ପଂକ୍ତି,
ପ୍ରତ୍ୟେକଟି ଶବ୍ଦ
ଦିନେ ଗୋଟିଏ
ନୂତନ ଜୀବନ ପାଇବ ବୋଲି ......

ସତରେ, ତୁମେ କି ସେହି
ସ୍ୱପ୍ନର ମନମୋହିତ ମଣିଷ,
ଯାହାକୁ ପାଇବାକୁ ଏହି ମନ
ପ୍ରତ୍ୟେକ ମୁହୂର୍ତ୍ତରେ ବ୍ୟାକୁଳ ହୋଇ
ପ୍ରତ୍ୟେକ ରାତ୍ରିରେ ଚନ୍ଦ୍ରର ଆଲୋକରେ
ନୂଆ ସ୍ୱପ୍ନର ଚିତ୍ର ଆଙ୍କୁଥିଲା।

ହଁ, ତୁମେ ହିଁ ମୋର ଅଭିଳାଷା
ତୁମେ ହିଁ ମୋର ପବିତ୍ର ପ୍ରାର୍ଥନା
ସବୁ କିଛି କେବଳ ତୁମେ ।

ଯେପରିକି ନଦୀ ସମୁଦ୍ରର
ନୀଳ ଲହରୀରେ ମିଶି
ଅଶାନ୍ତ ତରଙ୍ଗରେ ନିଜକୁ ହରାଇଦିଏ
ଠିକ୍ ସେମିତି
ମୋର ଏ ହୃଦୟ ପ୍ରତ୍ୟେକ କ୍ଷଣ
ତୁମ ବାହୁ ବନ୍ଧନରେ ବାନ୍ଧି ହେବା ପାଇଁ
ବ୍ୟାକୁଳ ହୋଇ ଉଠେ ଓ ତୁମ ପ୍ରେମରେ
ନିଜକୁ ସର୍ବସ୍ୱ ସମର୍ପି ଦିଏ।

ତୁମେ ହିଁ ମୋ ପ୍ରେମର ନୂଆ ପ୍ରଭାତ,
ମୋ କବିତାର ମଧୁର ସ୍ୱରଲହରୀ,
ମୋ ହୃଦୟର
ଅବିରାମ ସ୍ପନ୍ଦନ କେବଳ ତୁମେ
ଯେଉଁଥିରେ ମୁଁ ଜୀବନର ପ୍ରତ୍ୟେକ
ଶୂନ୍ୟତାକୁ
ନୂତନ ଅର୍ଥରେ, ନୂଆ ସ୍ୱପ୍ନରେ
ପୁଣିଥରେ ପ୍ରେମର ସୁନ୍ଦର ଜଗତରେ
ନିଜକୁ ପୁନର୍ଜୀବିତ କରିପାରିଥାଏ।

ତୁମେ ହିଁ ମୋର କଲମ, ମୋର ଶବ୍ଦ,
ମୋର ସ୍ୱପ୍ନ ଓ ନିଃଶ୍ୱାସ ଓ ବିଶ୍ୱାସ
ସବୁକିଛି କେବଳ ତୁମେ,
ତୁମେ ହିଁ ସେହି ପ୍ରେମ
ଯାହାକୁ ପାଇବା ପାଇଁ ମୋର ଏ ମନ
ପ୍ରତି ମୁହୂର୍ତ୍ତରେ
ତୁମ ଭାବନାର ରାଜ୍ୟରେ ହଜିଯାଏ।

♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଦ୍ୱିତୀୟ ବର୍ଷ ଛାତ୍ରୀ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି

### କାଶତଣ୍ଡୀ
**ଡ. ଶୁଭେନ୍ଦୁ ମେହେର**



ସ୍ନିଗ୍ଧ ଶରତର ଶୁଭ୍ର ଆକାଶରେ ଭଷା ବଉଦର ମାଳ
ତନୁ ପାତଳୀର ମୁକୁଳା ଦେହରେ ଯୌବନର କୋଳାହଳ ।
ଅପରୂପ ଶୋଭା ଅତି ମନଲୋଭା ନୀରବ ନିଥର ମନ
କୁଆଁରୀ ମେଘକୁ ସପନ ଘାରିବ ଭୋଗୁଥିବ ନିର୍ବାସନ ।

ପ୍ରୀତି ସରୋବରେ ସଜ କଇଁଫୁଲ ପ୍ରତି ମୁହୂର୍ତ୍ତରେ ଫୁଟେ
ନଗ୍ନ ନଇପଠା ଛନଛନ ଘାସ ହସୁଥାଏ କଞ୍ଚା ଓଠେ ।
କାଶତଣ୍ଡୀ ହସେ ବଧୂଲିର ରାସେ ମାଟିର ମଲାଟେ ଦେଖ
ମରତ ମୋହିନୀ ଶରତେ ଆସିବେ କୋଟି ଚନ୍ଦ୍ରମା ମୁଖ ।

ପ୍ରଣୟ ମହକେ ଫିକା ଫିକା ଜହ୍ନ ରଜନୀ ବୁକୁର ମୋହ
ଆଖି କୋଣେ ତା'ର ଲୁଚାଇ ଲୁହକୁ ଦେଖାଏ ପୁଲୁଲା ଦେହ
କେତକୀ ଟଗର ଶେଫାଳି ସାଙ୍ଗକୁ ରଜନୀଗନ୍ଧାର ବାସ
ସ୍ୱର୍ଗ ପାରିଜାତ ମର୍ତ୍ତ୍ୟରେ ଶୋଭିତ ସୁନୀଳ ଜ୍ୟୋତ୍ସ୍ନାର ହସ ।

ଅନିନ୍ଦ୍ୟ ସୁନ୍ଦରୀ ନହୁଲି ଅଳସୀ ନିଆଁରୁ ଉଡ଼ାଏ ହିଆ
ସେନେହ ପୀରତି ଆବାହନୀ ସାଥେ ସ୍ନିଗ୍ଧ ଶୀତଳ ଛୁଆଁ ।

♥ ଯଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

### ମେଘ ରାତି
**ରବି କୁମାର ମହାନ୍ତି**





ମିଛ ଅନ୍ଧାର ପରି ମେଘ ରାତି
ବଡ଼ ବେଦରଦୀ
କାହା ଲାଜୁଆ ଆଖିରେ ଯେମିତି
ଢଳଢଳ କାଚକେନ୍ଦୁ ଲୁହ
ପାଣି ଆଡେଇ ନିରେଖିଲେ
ସେଠି ଗୋଟେ ନିର୍ଲିପ୍ତ ଆକାଶ
ଏବଂ ଆକାଶଟା ଯାକ ଖାଲି
ଇନ୍ଦ୍ରଧନୁର ମୁହଁ ।

ନିର୍ବାସିତ ଇଚ୍ଛା ସବୁ
ଫେରି ଆସନ୍ତି ନୀଡ଼କୁ
ସ୍ୱପ୍ନର ଆହାର ଆଜିକାଲି
ଭାରି ଦୁର୍ଲଭ
ଜହ୍ନର ଆଲୁଅ ବି ନିଅଣ୍ଟ
ଚିହ୍ନିବାକୁ ମାଟିର ମାଦକ
ବର୍ଷା ରାତି ବଡ଼ ବେଦରଦୀ
ଜାଣିଛି କୁହୁକ
ବୁଝେନାହିଁ କେତେ ଲୋଡା
ରାତି ପୁହେଇବାକୁ
ଆଞ୍ଜୁଳାଏ ପ୍ରତିଶ୍ରୁତି
ଆଉକିଛି ପ୍ରୀତିପର୍ଣ୍ଣା ପଦ୍ମର କୋରକ ।

ଭାବନା ମାନେ ଭାସି ଯାଆନ୍ତି
କୁନି କୁନି ଡଙ୍ଗାଙ୍କ ମେଳରେ
କିଏ ଜାଣେ ? କେତେ ବାଟ
ମଲାନଈ ତୁଠ
କେତେ ଦୂରେ ଉଦାରତାରେ ଆତୁର
ସମୁଦ୍ରର ନୀଳ ନୀଳ ଓଠ
ମେଘ ରାତି
ନିଜ ଭିତରେ ନିଜେ ତଲ୍ଲିନ ହେବାର
ଆତସବାଜି
ବାନ୍ଧି ଦିଏ କବିତାର କଅଁଳ ପାଦରେ
ଶବ୍ଦର ପାଉଁଜି

ମେଘ ରାତି
କାହାପାଇଁ କରୁଣ ଚାହାଣି
ଅଥଚ
କବି ପାଇଁ ପ୍ରବଣତାର
କଦମ୍ବ ଅବା
ମହମହ ଭାବର ଆରତୀ ।

♥ମାତୃନୀଡ, କମାରିଆ, ଭଦ୍ରକ
(ମୋ) ୭୦୬୪୭୭୮୨୪୭

# ଯେଉଁମାନେ ସତ୍ ନିଷ୍ଠାବାନ ସାହିତ୍ୟ କରନ୍ତି ସେମାନଙ୍କ ପାଇଁ ପୁରସ୍କାରର କୌଣସି ଗୁରୁତ୍ୱ ନାହିଁ : ଅକ୍ଷୟ ବେହେରା

**ଅକ୍ଷୟ ବେହେରା** ଓଡିଆ କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କଥା କଥା କବିତା କବିତା ପରି ଗୋଟେ ନିଆରା ସାହିତ୍ୟ ପତ୍ରିକାର ସମ୍ପାଦକ ଥାଇ ନିରବଚ୍ଛିନ୍ନ ଭାବେ ଯୋଡି ହୋଇ ରହିଛନ୍ତି କବିତା ସହିତ । କବିଙ୍କ ପରି କବିଙ୍କ କବିତା ବେଶ୍ ସ୍ଥିର ଓ ଭାବଗର୍ଭକ । ନିରୁତା ଆବେଗରେ ପାଠକଙ୍କୁ ଆପ୍ଳୁତ କରିପାରେ ତାଙ୍କ କବିତାର ଭାବବିନ୍ୟାସ । "ଯେଉଁ କବିତାରେ ଜୀବନ ଥାଏ, ତାହାହିଁ ହୃଦୟକୁ ଛୁଏଁ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କବିତା'ର ଖଡ଼ିଛୁଆଁ କାଳରେ ନିଜ ଭିତରେ ସୃଜନର ସ୍ଫୁରଣ ଯେ ଘଟୁଛି ସେ ସବୁ ଅଗୋଚର ଥିଲା । ଏକ ନିପଟ ଗ୍ରାମ୍ୟ ବାଳକ, ଯାହାର ଆଦ୍ୟ ଜୀବନ ଅଭାବ ଅନାଟନ ସଂଘର୍ଷ ଭିତରେ କଟିଛି । ଖାଲି ଗାଁର ପ୍ରାକୃତିକ ପରିବେଶ, ମାଇଲ ମାଇଲ୍ ଧାନକ୍ଷେତ, ସବୁଜିମାରେ ଭରା ତୋଟାବାଡ଼ି, ନିର୍ମଳ ପ୍ରଦୂଷଣମୁକ୍ତ ତାରା ଭରା ଆକାଶର ଜହ୍ନ, ଏସବୁ ବୋଧେ ପରିବର୍ତ୍ତୀ ସମୟରେ କବିତାର ଆଦ୍ୟ ସ୍ଫୁରଣର ଉତ୍ସ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟରେ ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସାରସ୍ୱତ ପ୍ରେରଣାର କଥା ପ୍ରଥମ ପ୍ରଶ୍ନର ଉତ୍ତରରେ କିଞ୍ଚିତ ଆଭାସ ଦେଇଛି । ଏହା ସତ ଯେ କବିତା ଲେଖିବା ପାଇଁ ପ୍ରେରଣା ଯେ ନିହାତି ଜରୁରୀ ଏ କଥା ବି ସଂପୂର୍ଣ୍ଣ ଅସ୍ୱୀକାର କରି ହୁଏନି । ଆମ ଭିତରେ ଗୋଟେ ଧାରଣା ରହିଯାଇଛି ଯେ ପ୍ରେମ ହିଁ ଜଣେ ସାଧାରଣ କିଶୋରକୁ କଳ୍ପନା ଜଗତକୁ ନେଇଯାଏ, ଏହାକୁ ବି ଅସ୍ୱୀକାର କରି ହୁଏନି । କିନ୍ତୁ ପ୍ରେମ ନ ଥାଇ କି ନ ପାଇ କବିତା ଲେଖିହୁଏ ଏହା ମୋ ନିଜ ଜୀବନରେ ଘଟିଛି । ପ୍ରେମ ନ ପାଇବାର ଅଭାବବୋଧରୁ ହିଁ ମୋର କବିତା ସୃଷ୍ଟି ହୋଇଛି ଓ ପ୍ରକୃତିର ଶୋଭା ସଂପଦ ବି ପ୍ରେରଣା ସାଜିଛି । ଦ୍ୱିତୀୟରେ ଆଦ୍ୟଗୁରୁ ଭାବେ କବି ସୌରୀନ୍ଦ୍ର ବାରିକ (ଯିଏକି କଲେଜ ଜୀବନରେ ମୋର ଶିକ୍ଷା ଗୁରୁ ଥିଲେ)ଙ୍କ ସରଳ ଭାବଦ୍ୟୋତକ କବିତା ମୋତେ ଅନୁପ୍ରାଣିତ କରିଛି । ପରେ ପରେ ଜହ୍ନ ଓ କଇଁ ଫୁଲର କବି ନିତ୍ୟାନନ୍ଦ ପତିଙ୍କ କବିତା ମୋତେ ଆକୃଷ୍ଟ କରିଛି ଓ ମୁଁ ପ୍ରଭାବିତ ହୋଇଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା କେତୋଟି କବିତା ସଂକଳନ ପ୍ରକାଶ ପାଇଛି ଓ ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ପ୍ରଥମ କବିତା ଯେଉଁଦିନ ୧୯୭୮ରେ ଧରିତ୍ରୀରେ ପ୍ରକାଶ ପାଇଲା ସେଦିନର ପୁଲକ ଭୁଲି ହୁଏନି । ସାଧାରଣ ଚିଠିଟିଏରେ କବିତାଟିଏ 'ଧରିତ୍ରୀ' ଠିକଣାରେ ପଠାଇଥିଲି। ସେତେବେଳେ ସାହିତ୍ୟିକ ଭଗବାନ ନାୟକ ବର୍ମା ସାହିତ୍ୟ ପୃଷ୍ଠାର ଦାୟିତ୍ୱରେ ଥିଲେ, ଯାହା ବହୁ ବର୍ଷ ପରେ ଜାଣିଲି । ତାଙ୍କର ବିବେଚନାରେ ସେ 'ସ୍ମୃତି' ନାମକ କବିତାଟି ବିନା କିଛି ସୁପାରିଶରେ ପ୍ରକାଶ ପାଇବା ମୋତେ ପ୍ରେରଣା ଦେଇଥିଲା ଆଗକୁ ଲେଖିବା ପାଇଁ, ଯଦିଓ କଲେଜ ପତ୍ରିକାରେ ପ୍ରଥମ ମୁଦ୍ରିତ ଅକ୍ଷର ଦେଖି ମନ ଭିତରେ ଆତ୍ମବିଶ୍ୱାସ ଜଗାଇ ଥିଲା । ଏପରିକି ମୋର ପ୍ରଥମ ଗପ ମଧ୍ୟ 'ଧରିତ୍ରୀ' ପୃଷ୍ଠାରେ ସେହି ବର୍ଷ ପ୍ରକାଶ ପାଇଥିଲା । ଗପ କବିତା ଉଭୟ ଲେଖୁଥିଲା ବେଳେ ଗପ ରହିଗଲା ପଛରେ, ଯାହା ଆଗକୁ ଆଉ ଫେରି ପାରିନି ଓ କବିତା ରହିଗଲା ଦେହର ଛାଇ ପରି । ଏବେ ସୁଦ୍ଧା ମୋର ଆଠଟି କବିତା ସଂକଳନ- ଯେତେସବୁ ଗୋପନୀୟ-୧୯୯୪, ମାଟି ମନ୍ତ୍ର-୧୯୯୮, ପଥେ ପଥେ ପଥଚାରୀ-୨୦୦୬, ବଡ଼ଭାଇ-୨୦୧୨, ଦିନ ପରେ ଦିନ ୨୦୧୮, ଏ କୂଳ ସେ କୂଳ-୨୦୨୦, ସେଇସବୁ ଦିନ (କାବ୍ୟ) ୨୦୨୩ ଓ ବୋଉ ଯାହା ଜାଣେ ନାହିଁ-୨୦୨୩ରେ ପ୍ରକାଶିତ। କେଉଁ ସଂକଳନ ମୋର ପ୍ରିୟ ଓ କାହିଁକି ପ୍ରିୟ ପଚାରିଲେ ଏନେଇ ମୋର ଉତ୍ତର କିଛି ନାହିଁ। ମୋ ବିବେଚନାରେ ପ୍ରତିଟି ସଂକଳନ ମୋତେ ମୁଗ୍ଧ କରିଛି।

■ ଓଡ଼ିଆ କବିତାର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ କବିତା ସାଧାରଣ ଲୋକଙ୍କ ପାଖରେ ପହଂଚିବ ବୋଲି ଆପଣ ଭାବନ୍ତି ?

■■ କବିତାର ସ୍ଥିତିଶୀଳତା ଏକ ସମାଲୋଚକୀୟ ପ୍ରଶ୍ନ। ଯଦିଓ କବି ଏସବୁ ବୁଝେନା। କବି ଅନେକ କଥା ନ ଜାଣି ନ ବୁଝି ନିଜସ୍ୱ ଢ଼ଙ୍ଗରେ ନିଜସ୍ୱ ରୁଚିରେ ଲେଖେ, ଯାହାର ସ୍ଥିତିଶୀଳତା ସମ୍ପର୍କରେ ସେ ନିଜେ ବି ଜାଣେନା।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷାର ସଂକଟକୁ ନେଇ ଆଜି ନୁହେଁ ଅନେକ ବର୍ଷ ଆଗରୁ ବି କୁହାଯାଇ ଆସୁଛି । ପ୍ରକୃତରେ ମାତୃଭାଷା ପାଇଁ ସେମିତି ବଡ଼ ସଂକଟ କିଛି ନାହିଁ । ଇଂରାଜୀ ସ୍କୁଲର ପ୍ରଭାବ ପାଇଁ ଏ ସଂକଟ କଥା ଉଠୁଛି । ଦେଖିବାକୁ ଗଲେ ରାଜ୍ୟରେ ହଜାର ହଜାର ଓଡ଼ିଆ ମାଧ୍ୟମ ସ୍କୁଲ ଅଛି, ସେ ତୁଳନାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନଗଣ୍ୟ । ଭାଷା ସଂକଟରେ ଅଛି ବୋଲି କହି ଆମେ ଭାଷାକୁ ସଂକଟ ଆଡ଼କୁ ଠେଲି ଦେଉଛୁ । କିନ୍ତୁ ବାସ୍ତବ ଚିତ୍ର ତାହା ନୁହେଁ । ଯୋଉଠି ସଂକଟ ଗୌଣ, ସେଠି ଆଉ କବିତା ମାଧ୍ୟମରେ ମୁକ୍ତି ପାଇବାର ମାର୍ଗ ଖୋଜିବା କାହିଁକି ?

■ ଭଲ କବିତାର ସଂଜ୍ଞା କ'ଣ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତାର ସଂଜ୍ଞା ନେଇ କେତେ ଥିଓରୀ କେତେ ମତ କେତେ ମତଭେଦ ତା'ର ସୀମା ନାହିଁ । ମୋ ବିବେଚନାରେ ଯେଉଁ କବିତାରେ ଜୀବନ ଥାଏ, ତାହା ହିଁ ହୃଦୟକୁ ଛୁଏଁ। ସଦା ହୃଦୟକୁ ଛୁଇଁବା ଓ ଜୀବନ ଥିବା କବିତାରେ ହିଁ ସମ୍ଭବ । କବିତା କାହାର ମାନସିକତା ପରିବର୍ତ୍ତନ କରିପାରେ କି ହିଁ ନାହିଁ ସେ ସଂପର୍କରେ ଏତିକି କହି ହେବ ଯେ ଯଦି କବିତାଟି କାହା ହୃଦୟକୁ ଆଲୋଡ଼ିତ କରୁଛି ଅର୍ଥ ପାଠକର ମାନସିକତାରେ ତାହା ପ୍ରଭାବ ବିସ୍ତାର କରେ ।

■ ଜଣେ କବି ଓ ସଂପାଦକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ବିଶେଷ କରି ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୋ ବିଚାରରେ କବିତାର ଭବିଷ୍ୟତ ସବୁବେଳେ ଅତୀତର କବିତା କୋଣାର୍କ ଉପରେ ନିର୍ଭର କରେ । ଆମ ପ୍ରାଚୀନ ସାହିତ୍ୟ ଏତେ ସମୃଦ୍ଧ ଯେ ତାହା ଭବିଷ୍ୟତକୁ ସଦା ମାର୍ଗ ଦେଖାଇ ଆସିଛି । ଦୁଃଖ ଏହା ଯେ ଏବର ନୂଆ ନୂଆ ପିଢ଼ିଙ୍କର ପ୍ରାଚୀନ କାବ୍ୟ କବିତା ପ୍ରତି ଆଦର ରହୁନି କି ଅଧ୍ୟୟନ ରହୁନି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ କହିବେ ?

■■ ଯେଉଁମାନେ ସତ୍ ନିଷ୍ଠାବାନ ସାହିତ୍ୟ କରନ୍ତି ସେମାନଙ୍କ ପାଇଁ ପୁରସ୍କାରର କୌଣସି ଗୁରୁତ୍ୱ ନାହିଁ । ସେମାନେ କେବେ ପୁରସ୍କାର ପାଇବା ପାଇଁ ନୁହେଁ କେବଳ ଯେଉଁମାନେ ସାହିତ୍ୟରୁ ଅସାଧୁ ଉପାୟରେ ନାନା ପ୍ରକାର ସୁବିଧା ସୁଯୋଗ ନିଅନ୍ତି ସେମାନଙ୍କ ପାଇଁ ଗୁରୁତ୍ୱ ମନେହୁଏ, କିନ୍ତୁ ଜଣେ ସତ୍ ସାହିତ୍ୟିକ ପାଇଁ ନୁହେଁ। ଯେଉଁ ପ୍ରାଚୀନ ସାହିତ୍ୟ କଥା କହିଲି ବା ଆମର ପୂର୍ବ ପିଢ଼ିର ଅନେକ କାଳଜୟୀ ସ୍ରଷ୍ଟା କେବେ ବି ଆନୁଷ୍ଠାନିକ ପୁରସ୍କାର ମଣ୍ଡନ କରି ନାହାନ୍ତି । ସେମାନେ କିନ୍ତୁ ଚିରନମସ୍ୟ ଓ ସେମାନଙ୍କ ସୃଷ୍ଟି କାଳ କାଳ ଆମକୁ ଅନ୍ଧାରରେ ବି ବାଟ ଦେଖାଉଥିବ ।

❤❤

### ■ ଅଳ୍ପରେ ଅକ୍ଷୟ ବେହେରା



ନାମ - ଅକ୍ଷୟ ବେହେରା
ଜନ୍ମ- ୨୦.୦୮.୧୯୫୯
ବାପା : ଶ୍ରୀଯୁକ୍ତ ଦୁଃଶାସନ ବେହେରା
ମା : ଶ୍ରୀମତୀ ସାଗିରୀ ଦେବୀ
ଜନ୍ମସ୍ଥାନ - ଛେଡାକ, ଭଦ୍ରକ
ବାସସ୍ଥାନ - ହଳଦିଆ, ଭଦ୍ରକ
ବର୍ତ୍ତମାନର ଠିକଣା :
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
(ମୋ) ୯୪୩୭୨୭୯୯୪୧

**ପ୍ରକାଶିତ ପୁସ୍ତକ (କବିତା)**

୧- ଯେତେସବୁ ଗୋପନୀୟ -୧୯୯୪
୨- ମାଟି ମନ୍ତ୍ର-୧୯୯୮
୩- ପଥେ ପଥେ ପଥଚାରୀ-୨୦୦୬
୪- ବଡ଼ଭାଇ-୨୦୧୨
୫- ଦିନ ପରେ ଦିନ -୨୦୧୮
୬- ଏ କୂଳ ସେ କୂଳ-୨୦୨୦
୭- ସେଇସବୁ ଦିନ (କାବ୍ୟ) -୨୦୨୩
୮- ବୋଉ ଯାହା ଜାଣେ ନାହିଁ-୨୦୨୩



ବିବାହର ପ୍ରଥମ ବର୍ଷ: ସହପାଠିନୀରୁ ସହଧର୍ମିଣୀ ପାଲଟିଥିବା ପ୍ରାଣପ୍ରିୟା ପତ୍ନୀ ଅନୁପମା ବେହେରାଙ୍କ ସହ କବି...




ଜଳେଶ୍ୱରର ଏକ ସାହିତ୍ୟ ସଭାରେ ସମ୍ପାଦକ କବି ଅକ୍ଷୟ ବେହେରା ।



ସାଂସଦ ଭର୍ତ୍ତୃହରି ମହତାବଙ୍କଠାରୁ ପୁନର୍ନବା କବିତା ସମ୍ମାନ ଗ୍ରହଣ କରିବାର ମହାର୍ଘ ମୁହୂର୍ତ୍ତ...



ରାଜଭବନରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶ ଲାଲଜୀ ଓ ସମାଜର ପୂର୍ବତନ ସମ୍ପାଦକ ନିରଞ୍ଜନ ରଥଙ୍କ ସହ କଥା କଥା କବିତା କବିତାର ସମ୍ପାଦକ କବି ଅକ୍ଷୟ ବେହେରା ।



କାଦମ୍ବିନୀ ପତ୍ରିକା ହାତରେ ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

**ନନ୍ଦିତା ମହାନ୍ତି**

ଭାଗ-୩୨



**ଇଷ୍ଟମଣ୍ଟ ଅର୍ଚାର୍ଡ ହେଉଛି ଏକ ପୁରୁଣା ଓ ନାମକରା ଅର୍ଚାର୍ଡ ବା ଫଳବଗିଚା । ଏହାର ପୂର୍ବ ନାମ ଥିଲା ଡେଲିସିଅସ ଅର୍ଚାର୍ଡ । ଏହାର ମାଲିକ ହେଉଛନ୍ତି ବାରକ୍ଲେ ପରିବାର । ବାରକ୍ଲେ ପରିବାର ୧୯୨୩ ମସିହାରୁ ତିନି ପିଢି ଧରି ଏହାକୁ ସମ୍ଭାଳି ଆସିଛନ୍ତି । ଏଠାରେ ବିଭିନ୍ନ କିସମର ଆପେଲ ଚାଷ କରାଯାଏ । ତା ସହିତ ଋତୁ ଅନୁସାରେ ଏଠାରେ ମିଳେ ପିଚ, ବ୍ଲୁବେରୀ, ରାସବେରୀ, ଚେରିକୋଲି, ଷ୍ଟ୍ରବେରୀ, ଦୁଇ ରଙ୍ଗିଆ ମକା, ବୋଇତିକଖାରୁ ଇତ୍ୟାଦି ।**

ଏଥରକ ଓ୍ୱିକଏଣ୍ଡରେ ଆମେ ଘରେ ରହିବାକୁ ସ୍ଥିର କରିଥିଲୁ । କାରଣ ୱେଦର ଫୋରକାଷ୍ଟରେ ଦିନସାରା ବର୍ଷା ଦେଖାଉଥିଲା । ଶନିବାର ଦିନ ସକାଳୁ ଉଠି ଜୋଇଁ ଚିକୁ ଘୋଷଣା କଲେ ଯେ ଆଜି ମାଆଝିଅଙ୍କର ଛୁଟି । ରୋଷେଇ ସିଏ କରିବେ । ମଟନ ତରକାରୀ, ଭାତ ଓ ସାଲଡ । ଝିଅ ଖୁସିରେ ଡେଇଁଲା । କହିଲା, "ଚାଲ ମାମା, ଆମେ ସପିଙ୍ଗ କରିବାକୁ ଯିବା । ଚିକୁ ଆଜି ରୋଷେଇ କରିବେ । ଆମର ଛୁଟି ।"

ମିକି କଥା ଶୁଣି ଚିକୁ ସାଙ୍ଗେ ସାଙ୍ଗେ କହିଲେ, "ନାଇଁ , ନାଇଁ ସେମିତି କେମିତି ହେବ ? ତୁମେମାନେ ବୁଲି ପଳେଇବ ଆଉ ମୁଁ ରୋଷେଇ କରିବି । ମୁଁ ଏକୁଟିଆ ବୋର ହେଇଯିବି, ସେମିତି ହେଇ ପାରିବନି ।" ମିକିକୁ ଚାହିଁ କହିଲେ ସିଏ, "ତୁ ରୋଷେଇ କଲେ ମାମା କେମିତି ତୋତେ ସାହାଯ୍ୟ କରନ୍ତି କାମରେ ! ସେମିତି ମୋତେ ବି ଟିକେ ସାହାଯ୍ୟ କରିବେ ନା । ସାହାଯ୍ୟ ନ କଲେ ବି ଚଳିବ, ହେଲେ ତୁମେମାନେ ଏଇଠି ବସି ଗପସପ କର । ତେବେ ଯାଇଁ ମୁଁ ରୋଷେଇ କରିବି ।" ମିକି ହସିକି କହିଲା , ମୁଁ ଜାଣିଥିଲି ତୁମେ ଏଇଆ କହିବ । ସେଥିପାଇଁ ମୁଁ ବୁଲିବାକୁ ଯିବା କଥା ମଜାରେ କହିଥିଲି ।

ମିକି ଓ ମୁଁ ବସି ପିଆଜ କଟା, ରସୁଣଅଦା ଛଡେଇବା କାମ କଲୁ । ଚିକୁ ମଟନ ରୋଷେଇ କଲେ । ଚିକୁଙ୍କର ଡିମାଣ୍ଡ ଅନୁସାରେ ମୁଁ ସେମାନଙ୍କୁ ଭୂତ ଗପ ଶୁଣେଇଲି । କେମିତି ଗାଁମାନଙ୍କରେ ବଡି ଭୋରରୁ ଭୂତ ଆସି ଜମିକୁ ପାଣି ଦେଣ୍ଡିବାକୁ କବାଟ ଠକ ଠକ କରି ଡାକେ । ବ୍ରହ୍ମରାକ୍ଷସ କେମିତି ଗାଁ ମୁଣ୍ଡ ବରଗଛ ଡାଳରେ ଗୋଡ ଓହଳେଇ ବସିଥାଏ । ଗଛତଳ ବାଟ ଦେଇ ରାତିରେ କେହି ଗଲେ ତା କାନ୍ଧରେ ସବାର ହେଇଯାଏ କିମ୍ବା ଗୁହଚରା ଡାହାଣୀ କେମିତି ରାତିରେ ମୁଣ୍ଡ ତଳକୁ , ଗୋଡ ଉପରକୁ କରି ପଲଟଣ ପଡିଆରେ ଗୁହ ଚରେ କିମ୍ବା କାଠ ପରି ଚୁଲି ଭିତରେ ଗୋଡ ପୁରେଇ ତାର କଅଁଳା ଛୁଆକୁ ନିଆଁରେ ସେକେ ।

ସେଦିନ ଦ୍ୱିପ୍ରହରରେ ଟିଭି ଦେଖୁ ଦେଖୁ ଆମେ ମଟନ ଭାତ ଖୁସିରେ ଖାଇଲୁ । ଚିକୁ ଖୁବ ଭଲ ମଟନ ତରକାରୀ କରିଥିଲେ । ପେଟ ଭର୍ତ୍ତି ହେଲା ପରେ ଆଖି ପତା ବି ଭାରି ହେବାକୁ ଲାଗିଥିଲା । ମୁଁ କହିଲି ମଟନ- ଭାତ ଖାଇ ନ ଶୋଇଲେ ଖାଦ୍ୟର ଅପମାନ ହେବ । ମୁଁ ଯାଉଛି ଶୋଇବି ।

ଉଠିଲା ବେଳକୁ ସନ୍ଧ୍ୟା ଗଡି ଯାଇଥିଲା । ମୁଁ ଅଦା ପକେଇ ଚାହା ବନେଇଲି । ଟ୍ରେ ରେ ତିନି କପ ଚାହା ଆଣି ଲିଭିଙ୍ଗ ରୁମକୁ ଆସିଲା ବେଳକୁ ଚିକୁ ଓ ମିକି ଦୁହେଁ ବିସ୍କୁଟ ଡବା ଧରି ଟିପୟ କଡରେ ବସି ସାରିଥିଲେ ।ଏମିତିରେ ଦୁହେଁ ଚାହା ପିଅନ୍ତି ନାହିଁ । ହେଲେ ମୁଁ ଆସିବା ଦିନରୁ ଚାହାରେ ବିସ୍କୁଟ ବୁଡେଇ ଖାଇବା ଦୁହିଁଙ୍କର ଅଭ୍ୟାସରେ ପଡିଗଲାଣି ।

ଏଇ ଚାହା ବିସ୍କୁଟର ଯୋଡି କେଜାଣି କେବେ କେମିତି ଆରମ୍ଭ ହେଲା ! ବେଳେ ବେଳେ ଭାବେ ମୁଁ ।

ଇତିହାସ କହେ, ଚାହା ସହିତ ବିସ୍କୁଟ ଖାଇବା ଆମ ଦେଶର ପ୍ରାଚୀନ ପରମ୍ପରା ନୁହେଁ। ଆମ ଦେଶରେ ଏହାର ପ୍ରଚଳନ ବେଶୀ ନୁହେଁ ମାତ୍ର ଦୁଇ ଶହ ବର୍ଷ ପୁରୁଣା । ବ୍ରିଟିଶମାନେ ନିଜ ସହିତ ଆମ ଦେଶକୁ ଏହି ପରମ୍ପରା ନେଇ ଆସିଥିଲେ । ଆମ ଦେଶରେ ସେତେବେଳେ ଚାହା ପିଇବା କେବଳ ଉତ୍ତରପୂର୍ବ ଅଞ୍ଚଳରେ ହିଁ ସୀମିତ ଥିଲା । କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ସମୟରେ ଏହାର ବହୁଳ ପ୍ରଚଳନ ଆରମ୍ଭ ହେଲା । ସେମାନେ ଆମ ଦେଶରେ ଚାହା ଚାଷକୁ ଉତ୍ସାହିତ କଲେ କାରଣ ସେତେବେଳେ ଚୀନରୁ ଚାହା ଆମଦାନୀ ଖୁବ ବ୍ୟୟ ବହୁଳ ଥିଲା। କିନ୍ତୁ ଆଜି ଏପରି ଅବସ୍ଥା ହୋଇଛି ଯେ ଆମର ଚାହା ବିନା ଅଚଳ । ଶୋଇକି ଉଠିଲେ ଚାହା, ଶୋଇବାକୁ ଗଲେ ଚାହା, ମନ ଖୁସି ଅଛି ତ ଚାହା, ମନ ଖରାପ ହେଲେ ଟେନସନ ଭଗେଇବାକୁ ଚାହା, ବେଶୀ ବର୍ଷା ହେଲେ ଚାହା, କମ ଗରମ ହେଲେ ଚାହା । ଚାହା ଏବେ ଆମର ଅସ୍ଥିମଜ୍ଜାଗତ ହୋଇଗଲାଣି । କାହା ଘରକୁ ଗଲେ ଆଉ କିଛି ନ ହେଉ ଚାହା ପିଇବେକି ବୋଲି ପଚରାଯିବାଟା ଥୟ ।

ଚାହା ପିଇସାରିଲା ପରେ ଚିକୁ ପ୍ରସ୍ତାବ ଦେଲେ, " ଚାଲ ରମି ଖେଳିବା ।" ଘରେ ଥିଲେ ଆମେ ମଝିରେ ମଝିରେ ଏମିତି ଇନଡୋର ଗେମ ଖେଳୁ । ତାସ, ଉନୋ ପରି କାର୍ଡ ଗେମ। କେବେ କେବେ ଆମେ କଟାନ ବି ଖେଳୁ । ଏହା ଆମେ ଛୋଟ ବେଳେ ଖେଳୁଥିବା ବିଜିନେସ ପରି ଏକ ଖେଳ । ଯେଉଁଥିରେ ରଣନୀତି ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପୂର୍ବକ ଖେଳିବାକୁ ପଡେ । ଆମେ କିନ୍ତୁ ସେଦିନ ରମି ଖେଳିଲୁ । ତିନି/ଚାରି ବାଜି ରମି ଖେଳି ସାରିଲା ପରେ ଚିକୁ ପରଦିନର ପାଣିପାଗ ଦେଖି ସାରି ପ୍ରସ୍ତାବ ଦେଲେ ଯେ, ଆସନ୍ତାକାଲି ଭଲ ପାଗ ଦେଖାଉଛି । ଚାଲ ଯିବା ଆପେଲ ପିକିଙ୍ଗ ପାଇଁ।

'ଆପେଲ ପିକିଙ୍ଗ' ଏହି ଶବ୍ଦଟି ଥିଲା ମୋ ପାଇଁ ଅର୍ଥନୂଆ । 'ଆପେଲ ପିକିଙ୍ଗ' ର ଅର୍ଥ ହେଲା ଆପେଲ ଉଠେଇବା । ହେଲେ ଆପେଲ ଉଠେଇବାକୁ ଯିବା ମାନେ କଣ ?

ଝିଅ ମୋତେ ବୁଝେଇଦେଲା 'ଆପେଲ ପିକିଙ୍ଗ' ମାନେ ତୁମେ ସିଧା ଆପେଲ ବଗିଚାକୁ ଯାଇ ଆପେଲ ତୋଳି କରି ଆଣିପାରିବ ।

"ଓହୋ ! ଏମିତି କି ?"

ଚିକୁ ରାତିରେ ବସି ସ୍ଲଟ ବୁକିଙ୍ଗ କଲେ । ନ୍ୟୁଜର୍ଶୀ ଆଖପାଖରେ ଏମିତି ଅନେକ ଫାର୍ମ ଅଛି ଯେଉଁମାନେ ଋତୁ ଅନୁସାରେ ବିଭିନ୍ନ ପ୍ରକାର ଫଳ ଓ ପରିବା ପିକ୍ କରିବା ପାଇଁ ବୁକିଙ୍ଗ ନିଅନ୍ତି । ଜଣେ ଚାହିଁଲେ ଟାଇମ ସ୍ଲଟ ବୁକ କରି ସେଇ ସମୟରେ ଯାଇପାରିବ ଫାର୍ମକୁ । ନ୍ୟୂଜର୍ଶୀ ଆଖପାଖରେ ଥିବା ଫାର୍ମଗୁଡିକ ହେଉଛି ଇଷ୍ଟମଣ୍ଟ ଅର୍ଚାର୍ଡ, ଡେମାରେଷ୍ଟ ଫାର୍ମ, ଓ୍ୱିଣ୍ଡି ବ୍ରୋ ଫାର୍ମ , ହାପିଡେ ଫାର୍ମ ଇତ୍ୟାଦି ଇତ୍ୟାଦି । ଆମର ଯିବାର ଥିଲା ଇଷ୍ଟମଣ୍ଟ ଅର୍ଚାର୍ଡକୁ । ସକାଳ ୯.୩୦ରେ ଆମେ ଘରୁ ବାହାରିଲୁ । ବ୍ଲୁମଫିଲ୍ଡ ଠାରୁ ସେହି ଫାର୍ମର ଦୂରତା ଥିଲା ପ୍ରାୟ ପଚାଶ ମାଇଲ । ଏହା ଥିଲା ଟ୍ରେନର କୋଲ୍ଟସ ନେକ ଅଞ୍ଚଳରେ । ସେଠାରେ ପହଞ୍ଚିବାକୁ ଆମକୁ ଲାଗିବ ଏକ ଘଣ୍ଟାର ସମୟ । ଆମକୁ ମିଳିଥିଲା ଦିନ ଏଗାରଟାର ସ୍ଲଟ । ଆମ ଗାଡି ଇଷ୍ଟ ଅରେଞ୍ଜ , ଗ୍ଲେନ ରିଜ, ମଣ୍ଟେକ୍ଲେୟାର ଦେଇ ଗଲା କୋଲ୍ଟସ ନେକ । ଧୀରେ ଧୀରେ ସହର ପଛରେ ରହି ଯାଉଥିଲା । ଏବେ ଦୁଇ କଡରେ ଥିଲା ବଡ ବଡ ଚାଷଜମି । ଛାଡି ଛାଡି ଗୋଟେ ଗୋଟେ ଘର । ଘର ଠାରୁ କିଛି ଦୂରରେ ଛାତ ପକା ଲମ୍ବା ଲମ୍ବା ଘର । ଯାହାକୁ ଲାଲ ରଙ୍ଗ କରା ଯାଇଥିଲା । ସେସବୁ ଥିଲା ଗୋଶାଳା । ଗୋଟେ ଗୋଟେ ବଡ ଗୋଶାଳାରେ ୫୦-୬୦ ଦୁଧିଆଳୀ ଗାଈ ରହୁଥିଲେ । ଶୀତ ଦାଉରୁ ରକ୍ଷା କରିବା ପାଇଁ ସେଇ ଘରେ ସବୁ ପ୍ରକାର ବ୍ୟବସ୍ଥା କରା ଯାଇଥିଲା । କେତେକ ସ୍ଥାନରେ ଏବେ ଏବେ ମକାଗଛ କଟା ଯାଇଥିଲା । ଶୁଖିଲା ମକାଗଛକୁ ଥାକ ମାରି ରଖା ଯାଇଥିଲା ଜମିମାନଙ୍କରେ ।



ଗାଡି କୋଲ୍ଟସ ନେକ ପରେ ପରେ ବାମପଟକୁ ବୁଲିଗଲା । ଏଇଠି ଶେଷ ହୋଇଥିଲା ପକ୍କା ରାସ୍ତା । ତାପରକୁ ଆରମ୍ଭ ହୋଇଥିଲା କଚ୍ଚାସଡକ । କିଛି ବାଟ ଗଲା ପରେ ଆଗରେ ଦେଖାଗଲା ଫାର୍ମର ଗେଟ । ଗେଟ କଡରେ ବଡ ବଡ ଅକ୍ଷରରେ ଲେଖା ହୋଇଥିଲା ଇଷ୍ଟମଣ୍ଟ ଅର୍ଚାର୍ଡ । ପାଖକୁ ଗଲା ପରେ ଜଣାପଡିଲା ସେଗୁଡ଼ିକ ହେଲା ମକାଗଛରୁ ପ୍ରସ୍ତୁତ କୁଟା । କୁଟାକୁ ମେସିନ ଦ୍ୱାରା ବଡ ବଡ ଗୋଲାକାର ରୋଲ କରଯାଇଥିଲା । ସେଗୁଡ଼ିକୁ ଉପରକୁ ଉପର ରଖି ଲାଲ, ହଳଦିଆ, ସବୁଜ ରଙ୍ଗରେ ଲେଖା ଯାଇଥିଲା ' ଇଷ୍ଟମଣ୍ଟ ଅର୍ଚାଡ'। ସାମ୍ନାରେ ଥିଲା ପାର୍କିଂ । ଗାଡି ରଖି ଆମେ ଗେଟ ଦେଇ ଅର୍ଚାର୍ଡ ଭିତରକୁ ଗଲୁ । ଗେଟ ପରେ ପରେ ଥିଲା ଏକ ଲମ୍ବାଳିଆ ଘର । ତାଭିତରେ ବସିଥିଲେ ଜଣେ ମୋଟା, ଡେଙ୍ଗା ଲୋକ । ସିଏ ଆମର ବୁକିଙ୍ଗ ଦେଖି ଆମକୁ ଭିତରକୁ ଛାଡିଲେ ଓ ଫାର୍ମରୁ ଆପେଲ ଆଣିବା ପାଇଁ ତିନି ଜଣଙ୍କୁ ତିନୋଟି ଝୋଟବ୍ୟାଗ ଦେଲେ।

ଇଷ୍ଟମଣ୍ଟ ଅର୍ଚାର୍ଡ ହେଉଛି ଏକ ପୁରୁଣା ଓ ନାମକରା ଅର୍ଚାର୍ଡ ବା ଫଳବଗିଚା । ଏହାର ପୂର୍ବ ନାମ ଥିଲା ଡେଲିସିଅସ ଅର୍ଚାର୍ଡ । ଏହାର ମାଲିକ ହେଉଛନ୍ତି ବାରକ୍ଲେ ପରିବାର । ବାରକ୍ଲେ ପରିବାର ୧୯୨୩ ମସିହାରୁ ତିନି ପିଢି ଧରି ଏହାକୁ ସମ୍ଭାଳି ଆସିଛନ୍ତି । ଏଠାରେ ବିଭିନ୍ନ କିସମର ଆପେଲ ଚାଷ କରାଯାଏ । ତା ସହିତ ଋତୁ ଅନୁସାରେ ଏଠାରେ ମିଳେ ପିଚ, ବ୍ଲୁବେରୀ, ରାସବେରୀ, ଚେରିକୋଲି, ଷ୍ଟ୍ରବେରୀ, ଦୁଇ ରଙ୍ଗିଆ ମକା , ବୋଇତିକଖାରୁ ଇତ୍ୟାଦି । ୧୯୧୧ ମସିହାରେ ଫ୍ରେଡ ଲାର୍କ ପ୍ରଥମ ଥର ପାଇଁ କିଛି ଆପେଲ ଗଛ ଲଗାଇଥିଲେ ଏଠାରେ। ପରବର୍ତ୍ତୀ ସମୟରେ ବର୍ତ୍ତମାନର ମାଲିକଙ୍କର ଜେଜେଙ୍କର ଜେଜେ ଜନ୍ ବାରକ୍ଲେ ଏହାକୁ କିଣି ନେଇଥିଲେ ଓ ଏବେ ଯାଏଁ ଏହା ବାରକ୍ଲେ ପରିବାରର ମାଲିକାନାରେ ଅଛି । ସେଇ ପୁରୁଣା ଗଛଟି ଯଦିଓ ବର୍ତ୍ତମାନ ସେଠାରେ ନାହିଁ କିନ୍ତୁ ତାର ସ୍ମୃତିକୁ ଉଦଜ୍ଜୀବିତ ରଖିବା ପାଇଁ ସେଠାରେ ଏକ ଛୋଟିଆ ମୋନୁମେଣ୍ଟ ରଖାଯାଇଛି ଯେଉଁଠି ସେଠାକୁ ବୁଲିବାକୁ ଯାଉଥିବା ଲୋକେ ଫୋଟୋ ଉଠେଇପାରିବେ । ଆଜିକାର ଭାଷାରେ ତାହାକୁ ସେଲଫି ପଏଣ୍ଟ ମଧ କହିହେବ ।

ଅର୍ଚାର୍ଡ ଭିତରକୁ ଯାଇ ଆଖି ଖୋସି ହୋଇଗଲା ମୋର । ଏକର ଏକର ଜାଗାରେ ଫଳ ଚାଷ କରାଯାଇଛି । ବିଭିନ୍ନ ପ୍ରକାର ଫଳ ଗଛ । ଏତେ ବଡ ଜାଗାକୁ ଚାଲି ଚାଲି ବୁଲି ହେବନାହିଁ । ସେଥିପାଇଁ ବ୍ୟାଟେରୀ ଗାଡି ସବୁ ଅଛି । ତୁମେ ଯେଉଁ ଜାଗାକୁ ଯିବାକୁ ଚାହିଁବ ଗାଡି ନେଇ ସେଠାରେ ପହଞ୍ଚେଇଦେବ । ଆମେ ସେମିତି ଗୋଟେ ଗାଡିରେ ବସିଲୁ । ରାସ୍ତାରେ ଚାଲିଥିଲା ଗାଡି । ଦୁଇପଟେ ଧାଡି ଧାଡି ହେଇ ପିଚ ଗଛ । ଗଛ ସବୁ ନଇଁ ପଡିଥିଲା ସବୁଜ ରଙ୍ଗର ଫଳ ଭାରରେ । ପିଚ ପାଚିବାକୁ ଏବେ ଟିକେ ଡେରିଥିଲା । ପୂର୍ବରୁ ମୁଁ କେବେ ଏମିତି ଫଳବଗିଚା ଦେଖି ନଥିଲି । ଚାଷ ଜମି କହିଲେ ମୁଁ ବୁଝେ ଧାନଚାଷ କରାଯାଉଥିବା ଜମି । ଶୀତଦିନ ଛୁଟିରେ ଗାଁକୁ ଗଲେ ଆମ ଜେଜେମାଆ ଆମକୁ ଧରି ଧାନଚାଷ ଦେଖେଇବାକୁ ନେଇକି ଯାଆନ୍ତି । ଅଣ୍ଟାଏ ଉଚ୍ଚର ଧାନଗଛରେ ସୁନା ରଙ୍ଗର ଧାନ ଲହଡି ଭାଙ୍ଗୁଥାଏ । ଜେଜେମାଆ କୁହନ୍ତି ଧାନଗଛକୁ ମୁଣ୍ଡିଆମାର । ଏଇ ଗଛ ଆମ ପେଟକୁ ଭାତ ଦେଉଛି । ଏହା ଗଛ ନୁହେଁ ସ୍ୱୟଂ ଦେବୀ ଅନ୍ନପୂର୍ଣ୍ଣା । ଆମେ ସବୁ ପିଲାମାନେ ହିଡ ଉପରେ ଆଣ୍ଠେଇ ପଡି ଧାନଗଛକୁ ମୁଣ୍ଡିଆ ମାରୁ । ଆମ ଗାଡି ଏବେ ଗୋଟେ ଜାଗାରେ ଅଟକିଗଲା । ମୁଁ ଗାଡିରୁ ଓହ୍ଲେଇବା ସହିତ ଓହ୍ଲେଇ ଆସିଲି ଅତୀତରୁ । ଝିଅ ଓ ଜୋଇଁ କଚ୍ଚା ରାସ୍ତା କଡରେ ଥିବା ପିଚ ଗଛରୁ ଫଳ ତୋଳି ଖାଇବାକୁ ଲାଗିଥିଲେ । ମୁଁ ବି ଦୁଇଟି ତୋଳି ଆଣି ଚୋବେଇଲି ।

ପ୍ରକୃତରେ ଏହି ଫାର୍ମମାନଙ୍କରେ ତୁମେ ଯେତେ ଫଳ ଖାଇପାରିବ ତାହା ମାଗଣା । ଯାହା ଘରକୁ ନେଇକି ଯିବ ତା ପାଇଁ ପଇସା ଦେବାକୁ ପଡିବ । ଏବେ ମୋର ଆଶ୍ଚର୍ଯ୍ୟ ହେବାର ପାଳି। ସତରେ ମାଗଣା ....ଯେତେ ଖାଇପାରିବ । ଆଉ ତାର କାରଣ ହେଲା ଆମେରିକାରେ ଲୋକ ସଂଖ୍ୟା ବହୁତ କମ୍ । ଲେବର କଷ୍ଟ ବହୁତ ଅଧିକ। ସେଠାରେ ବଗିଚାରୁ ଫଳ ତୋଳି ତାକୁ ବିକ୍ରି କରିବାକୁ ଲୋକ ମିଳନ୍ତିନାହିଁ । ତେଣୁକରି ଫାର୍ମ ମାଲିକମାନେ ଏହିପରି ନୀତି ଆପଣେଇଛନ୍ତି।

ପିଚ ଫଳର ସ୍ୱାଦ ଟିକେ ଖଟାଳିଆ ମିଠା, କିନ୍ତୁ ଭାରି ସୁସ୍ୱାଦୁ । ନିକଟରେ ଥିଲା ବ୍ଲୁବେରୀ ଗଛ । ଝାଡ ପରି ବୁଦାଳିଆ ଗଛରେ ଭର୍ତ୍ତି ହୋଇଥିଲା କଞ୍ଚା ପାଚିଲା ବ୍ଲୁବେରୀ । ଖୁବ୍ ମିଠା । ଏତିକି ଫଳ ଖାଇ ସାରିଲା ପରେ ଆମେ ପୁଣି ଥରେ ଗାଡିରେ ବସିଲୁ । ଏବେ ଆମେ ପହଞ୍ଚି ଯାଇଥିଲୁ ଯାଇ ଆପେଲ ବଗିଚାରେ । ଏତେ ଆପେଲ ....! ନାଲି ନାଲି ଆପେଲରେ ଭର୍ତ୍ତି ହୋଇଥିଲା ଗଛ ସବୁ । ଅନେକ କିସମର ଆପେଲ ଗଛ । ହନିକ୍ରୀଷ୍ପ, ମାଣ୍ଟୋସ , ରୋମ, ଫୁଜି ଇତ୍ୟାଦି । ଗାଡି ଆମକୁ ଛାଡି ଚାଲି ଯାଇଥିଲା । ଆମେ ଏବେ ଚାଲି ଚାଲି ବୁଲିଲୁ ବଗିଚା ସାରା । ମନଇଚ୍ଛା ଆପେଲ ଖାଇଲୁ। ଯାହା ନେବୁ ତାକୁ ବ୍ୟାଗରେ ଭରିଲୁ । ସେଠାରୁ ଟିକେ ଆଗକୁ ଥିଲା ଲାଲି ରଙ୍ଗର ଚେରିକୋଲି ଗଛ । ପେନ୍ଥା ପେନ୍ଥା ହେଇ ଚେରିକୋଲି ଝୁଲୁଥିଲା ଗଛରୁ। ଲାଲ , କମଳା ଓ ହଳଦିଆ । ଛୋଟ ଛୋଟ ଫଳ ଭିତରେ ବଡ ବଡ ମଞ୍ଜି । ପ୍ରକୃତରେ ଆମେ ଭାରତରେ ଯାହାକୁ ଚେରୀ କହୁ ତାହା କିନ୍ତୁ ଏଇ ଚେରୀ ନୁହେଁ । ପାଖରେ ଚାଷ କରା ଯାଇଥିଲା ଷ୍ଟ୍ର ବେରୀ। ଲମ୍ବା ଲମ୍ବା କଳା ରଙ୍ଗର ପଲିଥିନ ବ୍ୟାଗ ଭିତରୁ ଉଙ୍କି ମାରୁଥିଲା ସବୁଜ ଛନ ଛନ ଷ୍ଟ୍ରବେରୀ ଗଛ ସବୁ । ହଳଦିଆ ରଙ୍ଗର ଫୁଲ ଓ ଟିକି ଟିକି ସବୁଜନାଲି ରଙ୍ଗର ଷ୍ଟ୍ରବେରୀ ଭର୍ତ୍ତି ହୋଇଥିଲା ଗଛରେ । ଏହି ପ୍ରଣାଳୀରେ ଚାଷକୁ ପ୍ଲାଷ୍ଟିକଲଚର କୁହା ଯାଉଥିଲା । ଦୂର ଦୂରରେ କିଛି ଲୋକ ବିଭିନ୍ନ ମେସିନ ସାହାଯ୍ୟରେ ଚାଷକାମ କରୁଥିଲେ । ଏତେ ବଡ ସ୍ଥାନରେ ଗଛରେ ପାଣି ଦେବାର ସୁବନ୍ଦୋବ୍ୟସ୍ତ ମଧ କରା ଯାଇଥିଲା । ମାଟି ତଳେ ପତଳା ପତଳା ପାଇପ ବିଛା ଯାଇ ଟାଇମର ଲଗା ଯାଇଥିଲା। ସଠିକ ସମୟରେ ନିଜେ ନିଜେ ନୋଜଲ ଖୋଲୁଥିଲା ଓ ପାଣି ସ୍ପ୍ରେ ହେଉଥିଲା । ସେମାନେ ବହୁ ଆଧୁନିକ ଟେକ୍ନୋଲୋଜି ଆପଣେଇଥିଲେ ଚାଷ କାମ ପାଇଁ ।






ଫଳ ଖାଇ ପେଟ ଭରି ଯାଇଥିଲା । ଆମ ବ୍ୟାଗବି ଫଳରେ ଭର୍ତ୍ତି ହୋଇ ଯାଇଥିଲା। ଏବେ ଫେରିବାର ପାଳି । ଆମକୁ ନେବାକୁ ଆସି ଯାଇଥିଲା ଗାଡି । ଫଳ ଭର୍ତ୍ତି ବଗିଚାକୁ ପଛ କରି ଫେରୁଥିଲୁ ଆମେ ।

ଇଷ୍ଟମଣ୍ଟ ଅର୍ଚାର୍ଡର ଗେଟ ପାଖରେ ଡାହାଣକଡକୁ ଥିଲା ଅର୍ଚାର୍ଡର ଷ୍ଟୋର । ଆମେ ସେଠାକୁ ଗଲୁ । ସେଠାରେ ବିକ୍ରି ହେଉଥିଲା ତାଜା ଫଳରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଯେମିତିକି ଜେଲି , ଜାମ , ବ୍ରେଡ , ଆଚାର , କ୍ୟାଣ୍ଡି , ଜୁସ ଇତ୍ୟାଦି । ଆମେ ତାଜା ଜୁସ ପିଇଲୁ ଓ ଦୁଇଟି ଭିନ୍ନ ଭିନ୍ନ ସ୍ୱାଦର ଜାମ କିଣି ସାରି କାର ନିକଟକୁ ଆସିଲୁ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢ଼ିବା ପରେ...

# ମାଟି ଘୁଙ୍ଗୁର




ଭିତରର ନାରଖାରକୁ ଚିରି ଦେଖିଲା ପରେ ମନ ଆଉ ଦରାଣ୍ଡେନି କେମିତି ଚିତ୍ ହୋଇ ସିଜୁ ବାଡ଼ରେ ଶୁଖୁଛି ହାରାମଣିର ବ୍ଲାଉଜ୍ । ସେତେବେଳେ ତିନି ପଟ ଆଙ୍ଗୁଳିର ଗାର କପାଳରେ ଲେପି ଦେଇ ନବଘନ ଚାଲେ ସତ୍ୟର ସନ୍ଧାନରେ । ହାଟ ବୁଲାରୁ ମନ ଫେରେଇ ଆଣେ । ଗୀତ ଗାଇବା ତାକୁ ଭଲ ଲାଗେନାହିଁ । ଏମିତି ଏକ ଚମତ୍କାର ଶରୀର ଭେଦ କବିତାରୁ କବି ସତ୍ୟ ସାହୁଙ୍କ ମାଟି ଘୁଙ୍ଗୁର କବିତା ସଂକଳନର ଆଦ୍ୟ ପର୍ବ ଆରମ୍ଭ ହୁଏ ।

'ମାହାର୍ଜେ ତା କର୍ଣ୍ଣବେଧ କଲେ / ଚୁଁ ଚୁଁ କରି ମନ୍ତ୍ର ଫୁଙ୍କିଲେ / ମୂଳାଧାରକୁ ଚାହିଁଲା ସହସ୍ରାର / ଏବେ ମୁଣ୍ଡରେ ନେଇ ବ୍ରହ୍ମାଣ୍ଡ / ବୁଲୁଛି ଶ୍ରୀନବଘନ ।'

(ଶ୍ରୀ ନବଘନ, ପୃ : ୧୦)

ନାମ କମେଇବାକୁ ବେଳେବେଳେ ନିଜ ନାମକୁ ବଦନାମ କରିବାକୁ ପଡ଼େ । ସେଥିପାଇଁ ତ କବି କଳ୍ପନାରେ ଅପଯଶରେ ବି ଥାଏ ସିଦ୍ଧତା ।ଯେଉଁ ଜହ୍ନ ଦେଖେଇ ପିଲାଦିନେ ମାମୁ ବୋଲି କହି ମା ବଳେଇ ବଳେଇ ଖୁଆଇ ଦେଉଥିଲା, ଯୌବନରେ ମନରେ ପ୍ରେମ ରଙ୍ଗ ଲାଗିଲା । ପରେ ସେଇ ଜହ୍ନ ପ୍ରେୟସୀ ରୂପରେ ଉଭା ହୁଏ। ପୁଣି ଅଭାବ ମଣିଷ ଭୋକିଲା । ପେଟରେ ଥିବା ବେଳେ ସେଇ ଜହ୍ନକୁ ପଟେ ପୋଡ଼ା ରୁଟି ବୋଲି କବି କଳ୍ପନା କରେ । ଏ କବିତାରେ କବିର କଳ୍ପନା ଆଉ ରୂପକଳ୍ପ ଚମତ୍କାର ।



'ପିଲାଦିନେ ମା' କହୁଥିଲା ହେଇ ଦେଖ ମାମୁ /ଏବେ କେମିତି ଦିଶିଯାଏ ପ୍ରିୟାର ମୁହଁ !/ ବୁଝିଲି ଏତିକି ସଂଶୟ ଦୋଷ ।'

(ଜହ୍ନ, ପୃ: ୧୩)

କବିଟିଏ ସଦାବେଳେ ବସୁଧୈବ କଟୁମ୍ବକମ୍‌ର ସ୍ୱପ୍ନ ଦେଖେ । ଭଲ ପାଇବାରେ ବିଶ୍ୱାସ ରଖେ । ବାରୁଦ ଆଉ ବନ୍ଧୁକର ଭାଷା ତା ପାଇଁ ଅସହ୍ୟ । ରକ୍ତ ନିଆଁର ଧାସ ତାକୁ ଛଟପଟ କରେ । ଦେଶ, ଜାତି, ଭାଷା ଆଉ ଧର୍ମ ଏ ସବୁ ଭିତରେ ଥିବା ବୈଷମ୍ୟ ତାକୁ କଷ୍ଟ ଦିଏ । ନିଜ ନିଜ ଭିତରେ ଥିବା ବାଡ଼ କେବଳ ଘୃଣା ଆଉ ବିଦ୍ୱେଷକୁ ଜନ୍ମ ଦିଏ । ବିଶ୍ୱ ଭାତୃତ୍ୱରେ ବିଶ୍ୱାସ କରୁଥିବା କବିଟିଏ ଭାବେ ଆମେ ସବୁ ଭାଇ ଭାଇ, ଏଠି ଘୃଣାର ସ୍ଥାନ ନାହିଁ । ଭାଗ ହେଇଯିବା ସହଜ, ଏକାଠି ରହିବା କଷ୍ଟକର ହୋଇପାରେ ମାତ୍ର ଶାନ୍ତିପୂର୍ଣ୍ଣ ।

'ଏବେ ତ ସମ୍ଭାଳ ନିଜକୁ - / ସମ୍ଭାଳି ଯିବା ବି / ଗୋଟେ ସୃଜନାତ୍ମକ ପ୍ରକ୍ରିୟା ।'

( ବାଡ଼, ପୃ: ୨୮)

ସମୟ ବଦଳି ଯାଇଥିଲେ ବି ବଦଳି ଯାଇନି ମାନସିକତା । ଆଜି ବି କିନ୍ନରଟିଏ ସମାଜରେ ମୁଣ୍ଡ ଟେକି ଚାଲିବାର ଅସ୍ପର୍ଦ୍ଧା କରି ପାରେନି । ସମାଜ ତାକୁ ଭିନ୍ନ ଦୃଷ୍ଟିରେ ଦେଖେ । ଯେତେବେଳେ କୌଣସି ବିଫଳ ପୁରୁଷକୁ ନିନ୍ଦିତ ଦୃଷ୍ଟିରେ ଦେଖାଯାଏ ସମାଜ ତାକୁ କିନ୍ନର ବା ହିଞ୍ଜଡ଼ା କହି ଉପହାସ କରେ । କିନ୍ତୁ କବିଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ । ଯେଉଁଠି ସେ ଅନୁଭବ କରିଛନ୍ତି ଈଶ୍ୱର ଈଶ୍ୱରୀ ଏକାକାର ହୋଇ ଯିବାର । ଅର୍ଦ୍ଧନାରୀଶ୍ୱର ।

'ଯୁଗେ ଯୁଗେ ବନ୍ଦିତ/ ତୁମେ କିନ୍ନର/ ମୋହନରୁ ମୋହିନୀ ଯାତ୍ରା/ ଏକ ସ୍ୱାଭିମାନର ।'

(କିନ୍ନର, ପୃ: ୫୫)

କୃଷ୍ଣଙ୍କ ବିରହପଣଙ୍କୁ ରାଧାରାଣୀ ଯେମିତି ଅନୁଭବିଛନ୍ତି ସଖା ସୁଦାମା ବି କମ୍ ଅନୁଭବୀ ନାହାନ୍ତି ! ସୁଦାମା ହିଁ କୃଷ୍ଣଙ୍କ ପ୍ରିୟସଖା । ଯେମିତି ଦୁଇଟି ଶରୀର ଗୋଟିଏ ଆତ୍ମା । ତାଙ୍କର ସାମାନ୍ୟ ଦୂରତା ସୁଦାମାଙ୍କୁ କରିପାରେ ସର୍ବହରା ।

'ତୁମେ ଯେବେ ଗଲ ମୋତେ ପାଳିଜ୍ୱର/ ସୂର୍ଯ୍ୟକୁ ହେଲାନି ଚାହିଁ ଆଉ ଜହ୍ନ ଜହର/
ଅମଣ ଗାଈଗୋଠ କାଳ କାଳ କଦମ୍ବ/ ଭାଆରି ବିଷମ ମନପକ୍ଷୀ ବେଜାର ।'

( ସୁଦାମା, ପୃ ୮୯)

ମୋଟାମୋଟି ଭାବରେ କହିବାକୁ ଗଲେ ଅଠତିରିଶଟି ଭିନ୍ନ ଭିନ୍ନ କବିତାରେ ସମୃଦ୍ଧ ଏହି ସଂକଳନଟିରେ ମାଟି ଘୁଙ୍ଗୁର ଶୀର୍ଷକରେ କୌଣସି କବିତା ନଥିଲେ ମଧ କବିତା ଗୁଡ଼ିକ ମାଟିମନସ୍କ, ଜୀବନାଭୂତି, ମାନବୀୟ ଚେତନାର ଚରମ ଉପଲବ୍ଧିରେ ପାଠକକୁ ବାନ୍ଧି ରଖିବ । ଭୁବନେଶ୍ୱରର ବର୍ଷା ପବ୍ଲିକେଶନ ଏହାର ପ୍ରକାଶକ ।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

---

# ଆନନ୍ଦମୂର୍ତ୍ତି ଶ୍ରୀଜଗନ୍ନାଥ

**ଅଲେଖ ଚନ୍ଦ୍ର ସାମଲ**

ଜୀବର ସ୍ୱରୂପ ଆନନ୍ଦମୟ ହୋଇଥିଲେ ସେ ସର୍ବଦା ଆନନ୍ଦମୟ ବ୍ରହ୍ମଚୈତନ୍ୟଙ୍କ ପରି ଆନନ୍ଦିତ ରହନ୍ତା । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ । ସେ ଦେହସର୍ବସ୍ୱ ହୋଇ ନିଜେ ପରମାତ୍ମାଙ୍କ ଅଂଶବିଶେଷ ବୋଲି ଚିନ୍ତା କରେ । ନାହିଁ । ଆତ୍ମାକୁ ଭୁଲି ଭୌତିକ ଜଗତରେ ଦେହ ସର୍ବସ୍ୱ ହୋଇ ଘୁରି ବୁଲେ । କ୍ଲେଶ ଭୋଗେ । ଏଠାରେ ମୟଟ ପ୍ରତ୍ୟୟ ବିକାର ଅର୍ଥରେ ନୁହେଁ, ପ୍ରଚୁରତା ଅର୍ଥରେ ବ୍ୟବହୃତ । କୌଣସି କଥାକୁ ସୁଦୃଢ଼ କରିବା ନିମନ୍ତେ ବାରବାର ଦୋହରାଇବାକୁ ଅଭ୍ୟାସ କୁହାଯାଏ । ତୈତ୍ତିରୀୟ ତଥା ବୃହଦାରଣ୍ୟକ ଆଦି ଅନେକ ଉପନିଷଦରେ ଆନନ୍ଦ ଶବ୍ଦର ବାରମ୍ବାର ପ୍ରୟୋଗ ଦେଖିବାକୁ ମିଳେ । ଭାବାର୍ଥ ହେଉଛି ବ୍ରହ୍ମଙ୍କ ଠାରେ ସତ୍ ଓ ଚିତ୍ ତୁଳନାରେ ଆନନ୍ଦ ଅଧିକ ପରିମାଣରେ ଥାଏ । ଜୀବ ଲୌକିକ ଶତ ଶତ ଆନନ୍ଦ ଲାଭ କରୁଥିବାର ଦେଖାଯାଏ ।

ବ୍ରହ୍ମ ଆନନ୍ଦ ସିନ୍ଧୁ ହେଲେ ଜୀବ ସେହି ସିନ୍ଧୁର ବିନ୍ଦୁ । ବ୍ରହ୍ମ ଅଖଣ୍ଡ ଆନନ୍ଦ ହେଲାବେଳେ ବ୍ରହ୍ମା ଆଦି ଦେବଗଣ ଓ ଅନ୍ୟମାନେ ବ୍ରହ୍ମାନନ୍ଦର ଏକ କଣିକା ଆଶ୍ରା କରି ବିଭିନ୍ନ ପରିମାଣ ତାରତମ୍ୟର ବିଷୟା-ଆନନ୍ଦରେ ଆନନ୍ଦିତ ହୋଇଥାନ୍ତି । ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ସ୍କନ୍ଦ ପୁରାଣ (୨୭/୧୯)ରେ ଉଲ୍ଲେଖ କରାଯାଇଛି ଯେ ପରମ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ସହଜ ଓ ସ୍ୱାଭାବିକ । ଆନନ୍ଦସାଗରରୁ ବିନ୍ଦୁଏ ଆନନ୍ଦ ପାଇଲା ପରି ପ୍ରାଣୀ ବିଷୟାନନ୍ଦ ପାଇ ଜୀବନ ଧାରଣ କରିଥାନ୍ତି ।

ସହଜ ଆନନ୍ଦରୂପୀ ଶ୍ରୀଜଗନ୍ନାଥଙ୍କର ଏକ ବିନ୍ଦୁ (ଅଂଶ)କୁ ଆଶ୍ରୟ କରି, ନିଖିଳ ବିଷୟାନନ୍ଦ ପ୍ରତିଭାତ ହୁଏ । ଉକ୍ତ ପୁରାଣ (୮/୨୮)ରେ କୁହାଯାଇଛି ଶ୍ରୀଜଗନ୍ନାଥ ଆନନ୍ଦରୂପୀ ଓ ଜଗତବାସୀ ତାଙ୍କର ଆନନ୍ଦାଂଶ ବଳରେ ଜୀବିତ ହୋଇଥାନ୍ତି : ଯଦଂଶମୁପଜୀବନ୍ତି ଜଗନ୍ତ୍ୟାନନ୍ଦରୂପିଣଃ । ଯୋଗୀଋଷିମାନେ ରସମୟ ପରଂବ୍ରହ୍ମକୁ ଉପଲବ୍ଧି କରି ଆନନ୍ଦ ପାଇଥାନ୍ତି । ମିଳିଥାଏ କାରଣ ବ୍ରହ୍ମରୂପୀ ଶ୍ରୀଜଗନ୍ନାଥ ଆନନ୍ଦର କାରଣ ହେତୁ । ତାଙ୍କଠାରୁ ହିଁ ଆନନ୍ଦପ୍ରାପ୍ତି ହୋଇଥାଏ । ଜ୍ଞାନୀଜନ ଅଭ୍ୟାସ ଦ୍ୱାରା ଆନନ୍ଦମୟ ବ୍ରହ୍ମଙ୍କୁ ଅନୁଭବ କରି ତାଙ୍କ ଠାରୁ ମୋକ୍ଷ ଓ ବ୍ରହ୍ମପଦ ପ୍ରାପ୍ତ ହୋଇଥାନ୍ତି । ଶ୍ରୀଜଗନ୍ନାଥ ଆନନ୍ଦମୂର୍ତ୍ତି । ସ୍କନ୍ଦ ପୁରାଣ ମତେ ତେଣୁ ଚିନ୍ତନ / ମନନ / ଧ୍ୟାନ / ଦର୍ଶନ / ସ୍ପର୍ଶନ କଲେ ଜୀବ ପରମ ଆନନ୍ଦ ଲାଭ କରେ ।

♥ ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୪ ଅଗଷ୍ଟ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୭ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

# କଥା ଇଭିଏମ୍‌ରୁ ଆଗକୁ ଚାଲିଗଲାଣି

ଗୋପାଳ ମହାପାତ୍ର



ଭାରତ ବର୍ଷକୁ ଗଣତନ୍ତ୍ରର ଜନନୀ ବୋଲି କୁହାଯାଏ। ଭାରତବର୍ଷର ନିର୍ବାଚନ ସାରା ଦୁନିଆକୁ ଆକର୍ଷିତ କରିଥାଏ। ଅନେକ ସମୟରେ ବିଶ୍ୱର ନେତାମାନେ ବା ନେତା ମାନଙ୍କର ପ୍ରତିନଧି ମଣ୍ଡଳି ଆମ ଦେଶର ନିର୍ବଚନ ବେଳେ ଭାରତବର୍ଷକୁ ଆସିଥାନ୍ତି,। ଭାରତର ନିର୍ବାଚନ କମିଶନ ମଧ ନିର୍ବାଚନର ସଫଳ ପରିଚାଳନାର ଶ୍ରେୟ ନେଇଥାଏ। କିନ୍ତୁ ନିର୍ବାଚନରେ କେଉଁଠିନା କେଉଁଠି ତୃଟି/ ଜାଲିଆତିର ଅଭିଯୋଗ ମଧ ଆସିଥାଏ। ବିଗତ ଲୋକସଭା ଓ କେତେକ ରାଜ୍ୟର ବିଧାନ ସଭା ନିର୍ବାଚନ ଏମିତି ସମ୍ପନ୍ନ ହୋଇଛି ଯାହାର ପରିମାଣ ନିର୍ବାଚନ ପୂର୍ବରୁ କରାଯାଇଥିବ ସମସ୍ତ ସର୍ବେକ୍ଷଣକୁ ଭୁଲବୋଲି ପ୍ରମାଣିତ କରିଛି। ଯେତେବେଳେ ଦେଶରେ ଇଲେକ୍ଟ୍ରୋନିକ ଭୋଟିଙ୍ଗ୍ ମେଶିନ (ଇଭିଏମ୍) ମାଧମରେ ଭୋଟଦାନ ପ୍ରକ୍ରିଆ ଆରମ୍ଭ ହେଲା ସେବେଠାରୁ ଭୋଟ ଗ୍ରହଣର ନିରେପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବ୍ରମଣ୍ୟମ ସ୍ୱାମୀ ଏବଂ ରାଜ୍ୟଭଭା ସାଂସଦ ଜିବିଏଲ୍ ନରସିଂହା ରାଓଙ୍କ ଭଳି ବରିଷ୍ଠି ମାନେ ଅନେକ ସମୟରେ ଇଭିଏମ୍‌ର ବିଶ୍ୱସ୍ଥାନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଓ ଇଭିଏମ୍‌ର ବ୍ୟବହାରକୁ ବିରୋଧ କରିଛନ୍ତି। ୨୦୧୪ରେ ବିଜେପି କେନ୍ଦ୍ରରେ ଶାସନକୁ ଆସିବା ପରଠାରୁ ବିରୋଧି ଦଳ ମାନେ ଇଭିଏମର ବିଶ୍ୱସନୀୟତାକୁ ନେଇ ଅଧିକ ପ୍ରଖର ହୋଇ ଉଠୁଛନ୍ତି। ବିଗତ ଏକ ଦଶନ୍ଧି ହେବ ହୋଇଥିବା ସବୁ ନିର୍ବାଚନରେ ଇଭିଏମ୍ ମାଧ୍ୟମରେ ହୋଇଥିବା ଅନେକ ତୃଟି/ ଜାଲିଆତି ବାବଦରେ ଅଭିଯୋଗ ଉଠିଛି। କେତେବେଳେ ଇଭିଏମ୍ ବଦାଳାଇବା ତ କେବେ ଇଭିଏମ୍ ଚୋରୀ ହେବାର ମଧ ଅଭିଯୋଗ ଆସିଛି। କେତେକ ମତଦାତା (ଭୋଟର) ଏକଥା ମଧ କହିଥିବାର ଶୁଣାଯାଇଛି ଯେ ସେମାନେ ଗୋଟିଏ ଚିହ୍ନରେ ଭୋଟ ଦେଇଥିଲେ କିନ୍ତୁ ଇଭିଏମ୍ ମେଶିନରେ ଭୋଟ ଅନ୍ୟ ଚିହ୍ନରେ ପଡିଛି। ଯଦିଓ ଗତ ନିର୍ବାଚନ ମାନଙ୍କରେ ଅନେକ ରାଜ୍ୟରେ ଅଣ ବିଜେପି ସରକାର ଗଠନ ହୋଇଛି କିନ୍ତୁ ଉଭିଏମ୍‌କୁ ବିରୋଧ ଜାରି ରହିଛି।

ଦିଲ୍ଲୀର ଜନ୍ତରମନ୍ତରଠାରେ ଅନେକବାର ଇଭିଏମ୍ ବିରୋଧି ପ୍ରଦର୍ଶନ ହୋଇଛି। ଦେଶର ଅନେକ ଓକିଲ ଖୋଲାଖୋଲି ଇଭିଏମ୍‌କୁ ବିରୋଧ କରିଛନ୍ତି କିନ୍ତୁ ସରକାର ଇଭିଏମ୍ ଉପରେ ଭରଷା ରଖିଛନ୍ତି। କିନ୍ତୁ ଏବେ ଏହି ପ୍ରସଙ୍ଗ ଇଭିଏମ୍‌ର ବିଶ୍ୱସନୀୟତାଠାରୁ ଆଗକୁ ବଢିଯାଇ ଭୋଟରତାଲିକାରେ ହୋଇଥିବା ଭୟଙ୍କର ଜାଲିଆତି ପର୍ଯ୍ୟନ୍ତ ଚାଲିଯାଇଛି ଓ ଲୋକସଭାରେ ବିରୋଧି ଦଳର ନେତା ରାହୁଳ ଗାନ୍ଧୀ ଏବାବଦରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଗତ ଅଗଷ୍ଟ ୭ ତାରିଖ ଦିନ ରାହୁଳ ଗାନ୍ଧୀ ନିର୍ବାଚନରେ ଜାଲିଆତି କରାଯାଇଥିବା ବାବଦରେ ଗୁରୁତର ଅଭିଯୋଗ କରିଥିଲେ। ରାହୁଳ ଗାନ୍ଧୀଙ୍କ ଅଭିଯୋଗ ହେଇଛି କର୍ଣ୍ଣାଟକର ବେଙ୍ଗାଲୁର ମଧ ଲୋକସଭା ନିର୍ବାଚନ ମଣ୍ଡଳୀରେଥିବା ମହାଦେବପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେଥିବା ସମୁଦାୟ ୬ ଲକ୍ଷ ୫ ହଜାର ଭୋଟରଙ୍କ ମଧ୍ୟରୁ ୧ ଲକ୍ଷରୁ ଅଧିକ ଜାଲ ଭୋଟର ଅଛନ୍ତି। ଯେଉଁଥିପାଇଁ ବିଜେପି ଏହି କ୍ଷେତ୍ରରେ ଏକଲକ୍ଷ ୧୪ହଜାର ୪୬ ଖଣ୍ଡ ଭୋଟରେ ଜିତିପାରିଛି। ରାହୁଳ ଭୋଟର ତାଲିକାର ବିସଙ୍ଗତି ବାବଦରେ ବ୍ୟାପକତଥ୍ୟ ମଧ ପ୍ରଦାନ କରିଛନ୍ତି, ଏଘଟଣାରେ ରାହୁଳ ନିର୍ବାଚନ କମିଶନଙ୍କ ଶୀର୍ଷରୁ ତଳ ପର୍ଯ୍ୟନ୍ତର ଅଧିକାରୀ ସଂପୃକ୍ତ ଥିବା ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟକୁ ସେ ଦେଶଦ୍ରୋହି ବୋଲି ମଧ ଆଖ୍ୟା ଦେଇଛନ୍ତି ଓ ବିଗତ ୬ ମାସ ହେବ କଂଗ୍ରେସ ନେତୃବୃନ୍ଦ ବ୍ୟାପକ ପରିଶ୍ରମ କରି ଜୁଟାଇଥିବା ପ୍ରମାଣକୁ ମଧ ସାର୍ବଜନୀନ କରିଛନ୍ତି ଅଗଷ୍ଟ ୧୧ ତାରିଖରେ ବିରୋଧି ସାଂସଦମାନେ ସଂସଦଠାରୁ ନିର୍ବାଚନ କମିଶନର କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରି ପ୍ରଦର୍ଶନ କରିଥିଲେ। ରାହୁଳ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଏ ପ୍ରସଙ୍ଗରେ ତଥ୍ୟ ମାଗିବା ପରେ ନିର୍ବାଚନ କମିଶନ ପାଖା ପାଖି ୩ କ୍ୱିଣ୍ଟାଲ ବା ତା ଠାରୁ ଅଧିକ କାଗଜ ବଣ୍ଡଲ ତାଙ୍କ ପାଖକୁ ପଠାଇଥିଲେ। କଂଗ୍ରେସ ନେତୃବୃନ୍ଦ ସେ ସବୁ କାଗଜକୁ ଅଧୟନ କରିଥିଲେ ଓ ସେଥିରୁ ଭୋଟ ଜାଲିଆତି କରାଯାଇଥିବା କଥା ଜଣାପଡିଥିଲା। ଏବେ କେବଳ ମହାଦେବପୁରୀ ବିଧାନସଭାକୁ ନେଇ ନୁହେଁ ବରଂ ଦେଶର ପ୍ରତ୍ୟେକ ବିଧାନସଭା ଓ ଲୋକସଭା ଆସନର ନିର୍ବାଚନକୁ ନେଇ ପ୍ରଶ୍ନ ଉଠୁଛି। ଏହି କାରୁଣରୁ ରାହୁଳ ଦେଶର ସମସ୍ତ ୫୪୩ ଲୋକସଭାର ଭୋଟରଙ୍କ ବାବଦରେ ତଥ୍ୟ ଦେବା ପାଇଁ ନିର୍ବାଚନ କିମଶନ୍‌ଙ୍କୁ କହିଛନ୍ତି ରାହୁଳ ମେଶିନ ରିଡେବୁଲ ତଥ୍ୟ ମାଗିଛନ୍ତି କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଯଦି ନିର୍ବାଚନ କମିଶନ ମେଶିନ ଡାଟା ଦେବେ ତେବେ ମାତ୍ର ୭ ଦିନ ମଧ୍ୟରେ ସମସ୍ତ ଭୋଟରଙ୍କ ବାବଦରେ ଗଣାପଡିଯିବ। ମେଶିନ ଡାଟାରେ ଭୋଟର ଜାଲିଆତି ପ୍ରସଙ୍ଗରେ ମଧ ଜଣାପଡିଯିବ।

ପରନ୍ତୁ ଆଶ୍ଚର୍ଯ୍ୟର କଥା ହେଇଛି ଭାରତୀୟ ଇତିହାସରେ ପଥମଥର ବିରୋଧି ଦଳର ନେତା ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚନ କମିଶନଙ୍କ ବିରାଧରେ ଏଭଳି ଅଭିଯୋଗ ଉଠିଛି। ପୁରା ସରକାର ଏପରିକି ପ୍ରଧାନମନ୍ତ୍ରୀଙ୍କୁ ମଧ ଜାଲିଆତି ସରକାର ଓ ଜାଲିଆତି ଭୋଟରେ

> **ଗତ ଅଗଷ୍ଟ ୭ ତାରିଖ ଦିନ ରାହୁଳ ଗାନ୍ଧୀ ନିର୍ବାଚନରେ ଜାଲିଆତି କରାଯାଇଥିବା ବାବଦରେ ଗୁରୁତର ଅଭିଯୋଗ କରିଥିଲେ। ରାହୁଳ ଗାନ୍ଧୀଙ୍କ ଅଭିଯୋଗ ହେଇଛି କର୍ଣ୍ଣାଟକର ବେଙ୍ଗାଲୁର ମଧ ଲୋକସଭା ନିର୍ବାଚନ ମଣ୍ଡଳୀରେଥିବା ମହାଦେବପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେଥିବା ସମୁଦାୟ ୬ ଲକ୍ଷ ୫ ହଜାର ଭୋଟରଙ୍କ ମଧ୍ୟରୁ ୧ ଲକ୍ଷରୁ ଅଧିକ ଜାଲ ଭୋଟର ଅଛନ୍ତି। ଯେଉଁଥିପାଇଁ ବିଜେପି ଏହି କ୍ଷେତ୍ରରେ ଏକଲକ୍ଷ ୧୪ହଜାର ୪୬ ଖଣ୍ଡ ଭୋଟରେ ଜିତିପାରିଛି।**

ଜିତିଥିବା ପ୍ରଧାନମନ୍ତ୍ରୀ ବୋଲି କୁହାଯାଇଛି। ଏଭଳି ସମ୍ବେଦନଶୀଳ ଅଭିଯୋଗକୁ ଏଡେଇଯିବାକୁ ଉଦ୍ୟମ କରୁଛନ୍ତି ସରକାର ଓ ନିର୍ବାଚନ କମିଶନ। ସରକାର ଓ ନିର୍ବାଚନ କିମଶନ ରାହୁଳଙ୍କ ଅଭିଯୋଗଙ୍କୁ ନିରାଧାର ଓ ଲଜ୍ୟାଜନକ ଏପରିକି ଗଣତନ୍ତ୍ରର ଅପମାନ ବୋଲି କହୁଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି ଯେ କଂଗ୍ରେସର ପରାଜୟ କାରଣରୁ ହତାଶ ହୋଇ କଂଗ୍ରେସ ଏପରି ଅଭିୟୋଗ କରୁଛି। ଅଭିଯୋଗର ଅନେକ ଦିନପରେ ନିର୍ବାଚନ କମିଶନ ରାହୁଳଙ୍କ ଅଭିଯୋଗ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ କରି ଘଟଣାକୁ ଏକପ୍ରକାର ଚପାଇ ଦେବାର ଉଦ୍ୟମ କରିଛିନ୍ତି। ବିଜେପି ନିର୍ବାଚନ କମିଶନଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରୁଛି। ବିଜେପି ଏହାକୁ କଂଗ୍ରେସ ଦ୍ୱାରା ସାମ୍ବିଧାନିକ ସଂସ୍ଥାନ ଉପରେ ଆକ୍ରମଣ ବୋଲି କହିଛି।

ସୁଚନା ଯୋଗ୍ୟ ଯେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀ ଏକଦା ଅଭିଯୋଗ କରିଥିଲେ ଯେ ତାଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀରେ ସାଢେ୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। କିଏ କାଟିଥିଲା ? କାହିଁକି ଓ କାହା ଇଶାରାରେ ଏଭଳି କରାଯାଇଥିଲା ? କ'ଣ ଏହା ଦେଶର ଗଣତାନ୍ତ୍ରୀକ ଢାଞ୍ଚା ବିରୁଦ୍ଧରେ ଷଡଯନ୍ତ୍ର କି ? ରାହୁଳ ଗାନ୍ଧୀ ମଧ ଅଭିଯେଗ କରିଛନ୍ତି ଯେ ମହାରାଷ୍ଟ୍ରରେ ୫ ମାସ ମଧ୍ୟରେ ପାଖାକାଖି ୪୦ ଲକ୍ଷ ସନ୍ଦିଗ୍ଧ ଲୋକଙ୍କ ନାମ ଭୋଟର ତାଲିକାରେ ଯୋଡାଯାଇଛି, ମହାରାଷ୍ଟ୍ରର ଅନେକ ନେତା ମଧ ନିର୍ବାଚନରେ ଜାଲିଆତି କରାଯାଇଥିବା ଅଭିଯୋଗ କରିଥିଲେ। ନିର୍ବାଚନ କମିଶନ ବିରୋଧି ଦଳର ନେତାଙ୍କ ଅଭିଯୋଗ ଉପରେ ସନ୍ତୋଷ ଜନକ ଉତ୍ତର ଦେବା ଉଚିତ୍। ଏହା ହେଲେ ଦେଶର ଜନସାଧାରଣ ବୁଝିପାରିବେ ଯେ ଦେଶରେ ନିର୍ବାଚନ ନିଷ୍ପକ୍ଷ ଭାବରେ ହୋଇଛି। କିନ୍ତୁ ଦୁର୍ଭାଗ୍ୟର କଥାଯେ ରାହୁଳ ଗାନ୍ଧୀଙ୍କ ଅଭିଯୋଗ ପ୍ରସଙ୍ଗରେ ଶପଥ ପାଠ ଦେବା ପାଇଁ କହି ଅଭିଯୋଗକୁ ଏଡାଇଯିବା ପାଇଁ ଉଦ୍ୟମ ହେଇଛି, ଅନ୍ୟପକ୍ଷରେ ଅଗଷ୍ଟ ୧୭ ତାରିଖରୁ ବିହାରରେ ରାହୁଳ ଗାନ୍ଧୀ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଥିବା ବେଳେ ରାହୁଳଙ୍କ ଅଭିଯୋଗ ଉପରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିଲେ ମଧ ସରକାରୀ ଦଳ ସପକ୍ଷରେ କାର୍ଯ୍ୟ କରୁଥିବା ଭଳି ଜଣାପଡୁଛି । ଘଟଣାର ତଦନ୍ତ କରିବା ତଥା ତୃଟିକୁ ସୁଧାରିବା କରିବର୍ତ୍ତେ ନିର୍ବାଚନ କମିଶନ ରାହୁଳ ଗାନ୍ଧୀ ଏବଂ ବିରୋଧି ନେତାମାନଙ୍କୁ ଅଭିଯୁକ୍ତ ସଜାଇଛି କାହିଁକ ? ତେବେ କ'ଣ ରାହୁଳଙ୍କ ଅଭିଯୋଗ ସତ୍ୟ କି ? ଯଦି ଏହା ସତ୍ୟ ତେବେ ସାଂଘାତିକ ନିଶ୍ଚୟ। କେବଳ ଯେ ରାହୁଳଗାନ୍ଧୀ ଭୋଟ ଜାଲିଆତି କଥା କହିଛନ୍ତି ତା ନୁହେଁ ବିଜେପି ସରକାରର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ୩୫ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଜାଲିଆତି ହୋଇଛି। ରାହୁଳ ଯେଉଁ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଥିଲେ ସେଇ ନିର୍ବାଚନ କମିଶନଙ୍କ କାର୍ଯ୍ୟ ଉପରେ ଅନୁରାଗ ଠାକୁର ପ୍ରଶ୍ନ ଉଠାଇଥିଲେ ମଧ ରାହୁଳଗାନ୍ଧୀଙ୍କୁ ନିର୍ବାଚନ କମିଶନଙ୍କୁ ଶପଥ ପାଠ ଦାଖଲ କରିବା ପାଇଁ କହୁଥିଲେ ମଧ ଅନୁରାଗ ଠାକୁରଙ୍କୁ ଶପଥ ପାଠ ପାଇଁ କହୁନାହାଁନ୍ତି କାହିଁକି ? ଏହାର ଅର୍ଥ ହେଉଛି କେବଳ କଂଗ୍ରେସ ବିଜେପିର ମଧ ନିର୍ବାଚନ କମିଶନଙ୍କ ଉପରୁ ଭରଷା ତୁଟିଯାଇଛି।

♥ ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪

## ଦୃଷ୍ଟିକୋଣ-୧୮

# କର୍ମନିଷ୍ଠା ଓ ସାଧୁତା ହିଁ ଦେଶସେବାର ମୂଳମନ୍ତ୍ର

♥ ଡ. କାଳୀପଦ ପଣ୍ଡା



'ଦେଶସେବା' କହିଲେ ସାଧାରଣତଃ ଆମେ ବୁଝୁ ଯେ ଦେଶର ସୁରକ୍ଷାରେ ଯେଉଁମାନେ ତିନିସେନାରେ ଜାଗ୍ରତ ପ୍ରହରୀ ଥାଇ ସେମାନଙ୍କର ଜୀବନକୁ ବିପଦାପନ୍ନ କରି ନିର୍ଭୀକତାର ସହ କାର୍ଯ୍ୟସଂପାଦନ କରୁଥାନ୍ତି। ଏହା ଠିକ୍, ମାତ୍ର ଦେଶର ସୀମା ସୁରକ୍ଷାର ଦାୟିତ୍ୱରେ ଯେଉଁମାନେ ସାଧାରଣ ସୈନିକରୁ ଉଚ୍ଚପଦାଧିକାରୀ ପର୍ଯ୍ୟନ୍ତ ନିଜର ଯେଉଁ ଦାୟିତ୍ୱରେ ଆସୀନ ନଥାନ୍ତି ତାହାକୁ ସୁଚାରୁ ରୂପେ ସଂପାଦନ କରୁଥିଲେ ତାହା ତାଙ୍କ ବୃତ୍ତିଗତ ନିଷ୍ଠା ସହ ଦେଶସେବାର ଜଣେ ଜଣେ ନିଷ୍ଠାପର ସେବକ ରୂପେ ଅବିହିତ ହୁଅନ୍ତି। ମାତ୍ର ଦେଶର ବିବିଧ କ୍ଷେତ୍ରରେ ଯେଉଁ ସବୁ ସେବା ସର୍ବସାଧାରଣଙ୍କ ପାଇଁ ପ୍ରତିନିୟତ ଆବଶ୍ୟକ ହେଉଥାଏ, ସେହି ସବୁକୁ ନିଷ୍ଠା ଓ ସାଧୁତା ସହ ଯେଉଁମାନେ ସଂପାଦନ କରୁଥାନ୍ତି, ସେମାନେ ମଧ ଦେଶସେବକ।

ଆମ ଦେଶ ଶହ ଶହ ବର୍ଷଧରି ବିଭିନ୍ନ ବିଦେଶୀ ଶାସକଙ୍କ ଦ୍ୱାରା ଶାସିତ ହୋଇଥିଲାବେଳେ ତାହାକୁ ପ୍ରତିହତ କରିବା ପାଇଁ ଦେଶର ସଚେତନ ନାଗରିକ ବିଭିନ୍ନ ସମୟରେ ସେମାନଙ୍କ ସାଧ ମତେ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି। ସେଥିପାଇଁ ବଳିଦାନ ଦେଇ ସେମାନେ ଦେଶସେବକର ମାନ୍ୟତା ପାଇଛନ୍ତି। ଆମ ଦେଶ ଭାରତରେ ଶେଷତମ ବିଦେଶୀ ଶାସକ ଦୁର୍ଦ୍ଧର୍ଷ ଇଂରେଜ ବାହିନୀକୁ ତଡ଼ିବା ପାଇଁ ଯେଉଁ ଶତବର୍ଷର ସଂଗ୍ରାମ ହୋଇଥିଲା ତହିଁରେ ଅସଂଖ୍ୟ ଭାରତୀୟ ଶହୀଦ୍ ହୋଇଥିଲେ। ଯେଉଁମାନେ ନେତୃସ୍ଥାନୀୟ ଥିଲେ ସେହିମାନଙ୍କ ନାମ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇଥିଲାବେଳେ ସାଧାରଣ ଜନତା ଯେଉଁମାନେ କି ଲକ୍ଷଲକ୍ଷ ସଂଖ୍ୟାରେ ବୁଳିଗୁଳା ମୁହଁରେ ପ୍ରାଣବିସର୍ଜନ କରିଥିଲେ ସେମାନଙ୍କ ନା' ଇତିହାସ ପୃଷ୍ଠାକୁ ଆସିପାରିନଥିଲେ ମଧ ସେମାନଙ୍କର ଉତ୍ତରପିଢ଼ିମାନେ ତାଙ୍କ ପୂର୍ବଜଙ୍କର ଦେଶ ପାଇଁ ଥିବା ବଳିଦାନକୁ ସ୍ମରଣ କରି ଏକ ଆଦର୍ଶ ଜୀବନ ନେଇ ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିବାକୁ ସଂକଳ୍ପ ଗ୍ରହଣ କରିଥାନ୍ତି। ଏ ତ ପ୍ରତ୍ୟକ୍ଷ ଦେଶମାତୃକାର ସୁରକ୍ଷାର ସାହସୀ ସନ୍ତାନମାନଙ୍କ ଅମରଗାଥା, ଏମାନେ ତ ନିଶ୍ଚୟ ଦେଶସେବକ ଭାବରେ ସ୍ୱୀକୃତ। ମାତ୍ର ଏହା ବାହାରେ ଦେଶସେବାର ଯେଉଁ ବିବିଧ ସ୍ତର ରହିଛି ତହିଁରେ ଯେଉଁମାନେ କର୍ମନିପୁଣତା ପ୍ରଦର୍ଶନ କରୁଛନ୍ତି ଏବଂ ନିଷ୍ଠା ଓ ସାଧୁତାର ପରାକାଷ୍ଠା ଦେଖାଇ ଚାଲିଛନ୍ତି, ସେମାନେ ମଧ ଦେଶସେବକର ସମ୍ମାନ ଓ ସ୍ୱୀକୃତିର ଅଧିକାରୀ। ଉଦାହରଣ ସ୍ୱରୂପ -ଆମ ଦେଶରେ ଅଧୁନା ଶହେ ପଇଁଚାଳିଶ କୋଟି ଲୋକ ଅଧିବାସୀ। ଏମାନଙ୍କର ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସେମାନଙ୍କୁ ସମାଜ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସକାଳରୁ ରାତିର ଶୋଇବା ପର୍ଯ୍ୟନ୍ତ ମଣିଷର ନିତ୍ୟବ୍ୟବହାର୍ଯ୍ୟ ନାନା ସାମଗ୍ରୀ ସେ ବଜାରରୁ ହିଁ ସଂଗ୍ରହ କରିଥାଏ। ଆଉ ସେହିସବୁ ସାମଗ୍ରୀ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ସେଇ ସାମଗ୍ରୀ ସମୂହ ଦ୍ୱାରା ଆମର ଦୈନନ୍ଦିନ ଜୀବନଧାରଣର ମାର୍ଗ ସୁଶୃଙ୍ଖଳିତ ହୋଇଚାଲିଛି। ଆମେ ଯେଉଁ ସବୁ ସାମଗ୍ରୀ ଆମ ପାଇଁ ଆଣିଥାଉ ତାହାର ଗୁଣବତ୍ତା ହିଁ ଆମକୁ ସୁସ୍ଥ ଓ ନିରାମୟ ରଖିବାରେ ସହାୟକ ହୋଇଥାଏ। ତେଜରାତି ଠାରୁ ପନିପରିବା, ଔଷଧ ଓ ଖାଦ୍ୟ ସାମଗ୍ରୀ, ବାସଗୃହ ଉପକରଣ କିମ୍ବା ଯାନବାହାନ ସବୁକିଛିର ଉପାଦେୟତା ଆମ ଜୀବନପଥରେ ସଦା ପ୍ରତିଫଳିତ। ତେବେ ସେହିସବୁ ସାମଗ୍ରୀର ଉତ୍ପାଦନ ଓ ନିର୍ମାଣରେ ଯଦି ଅପମିଶ୍ରଣ ରହେ ତାହା ଆମର ଜୀବନପଥକୁ ସଂକଟ ସୃଷ୍ଟି କରେ।

ଦେଶର ଯେକୌଣସି ନାଗରିକ ଯେଉଁ କାମରେ ଯୋଗଦାନ ରଖେ ତହିଁରେ ଯଦି ସେ ତାର ନିଷ୍ଠା ଓ ସାଧୁତାକୁ ପ୍ରଦର୍ଶନ କରୁଥାଏ, ତାହାହିଁ ଦେଶସେବାର ପବିତ୍ର ଧର୍ମ। କାରଣ ବ୍ୟକ୍ତି ବା ଅନୁଷ୍ଠାନ ଦ୍ୱାରା ଯାହାସବୁ ନିର୍ମିତ ହୁଏ, ତାହାହିଁ ତ ଅନ୍ୟମାନଙ୍କ ପାଇଁ ବ୍ୟବହାର ଉପଯୋଗୀ ହୋଇଥାଏ। ତେଣୁ ସେହି କର୍ମରେ ସ୍ୱଚ୍ଛତା ପ୍ରତିପାଦନ କରୁଥିଲେ ତାହାହିଁ ହୁଏ ଦେଶବାସୀଙ୍କ ପାଇଁ ଶ୍ରେଷ୍ଠସେବା। ଜୀବନରକ୍ଷାକାରୀ ଔଷଧ ନିର୍ମାଣ ବେଳେ ନିର୍ମାତା ଯଦି ଅପମିଶ୍ରଣ କରନ୍ତି, ତେବେ ତାହା ଜୀବନରକ୍ଷା ପରିବର୍ତ୍ତେ ଜୀବନନାଶର କ୍ଷେତ୍ର ପ୍ରସ୍ତୁତ କରେ। ସେହିଭଳି ଯେଉଁସବୁ ଯନ୍ତ୍ରମାନ ନିର୍ମାଣ ହେଉଛି, ତାହା ଯଦି ଗୁଣବତ୍ତା ସଂପନ୍ନ ନହୁଏ ତାହା ଦୀର୍ଘସ୍ଥାୟୀ ସେବା ଯୋଗାଇ ପାରେନାହିଁ। ଫଳରେ ଏ ଯେଉଁ ଅସାଧୁପଣ ତାହା ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା ସଦୃଶ।

ସରକାରୀ ଦପ୍ତର ଠାରୁ ବେସରକାରୀ (ପ୍ରାଇଭେଟ୍ ସେକ୍ଟର) ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଯିଏ ଯେଉଁ କାର୍ଯ୍ୟରେ ନିଯୁକ୍ତ (ସାଧାରଣ ଝାଡୁଦାର ଠାରୁ ପିଅନ ଓ ଅଫିସର ପର୍ଯ୍ୟନ୍ତ) ସମସ୍ତେ ଯଦି ନିଜର କର୍ତ୍ତବ୍ୟର ନିଷ୍ଠା ଓ ସାଧୁତା ପ୍ରତିପାଦନ କରି ଦେଶବାସୀଙ୍କୁ ସେବା ଯୋଗାନ୍ତି ତାହାହିଁ ଦେଶସେବାର ପ୍ରକୃତ ସଂଜ୍ଞା। ଦେଶର ଜଣେ ସୁନାଗରିକର ମୌଳିକ କର୍ତ୍ତବ୍ୟ ହେଲା ସେ ତା'ର କର୍ମକ୍ଷେତ୍ରରେ ନିପୁଣତାର ସହ ନିଜର କର୍ମ ସଂପାଦନ ସହ ସଠିକ୍ ସମୟରେ ଅପମିଶ୍ରଣର ଉର୍ଦ୍ଧ୍ୱକୁ ଉଠି ସାଧୁତାର ସହ ତା'ର ସେବା ନିର୍ବାହ କରିବା। ତଦ୍ୱାରା ସେହି ନାଗରିକ ଜଣେ ନିଷ୍ଠାବାନ କର୍ତ୍ତବ୍ୟ ନିର୍ବାହକାରୀ ନାଗରିକ ଭାବରେ ନିଜେ ଆତ୍ମସନ୍ତୋଷ ପାଇବା ସହ ଦେଶବାସୀଙ୍କ ସହ ଛଳନା କରିନଥାଏ। ଏହାହିଁ ପ୍ରକୃତରେ ଦେଶବାସୀଙ୍କ ପାଇଁ ନିଷ୍ଠାପର ଦେଶସେବା।

ବିବିଧ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ଯେଭଳି ଜଣେ ବ୍ୟକ୍ତି ସାରା ଜୀବନ ଉତ୍ସର୍ଗୀକୃତ ହୋଇଥାନ୍ତି ଏବଂ ସେ ଦିଗରେ ତାଙ୍କ ଅବଦାନକୁ ଦେଶବାସୀ ସ୍ମରଣ କରନ୍ତି, ସେହିଭଳି ଜଣେ ସାଧାରଣ ଶିକ୍ଷକ, ଚାଷୀ, ମୂଲିଆ, ଶ୍ରମିକ କିମ୍ବା ଉଚ୍ଚପଦସ୍ଥ ଅଧିକାରୀ ସଭିଁଏ ଯଦି ନିଜର ଧାର୍ଯ୍ୟ କର୍ମକୁ ସଠିକ୍ ସଂପାଦନ କରୁଥାନ୍ତି, ତେବେ ସେମାନେ ମଧ ଦେଶର କୋଟିକୋଟି ଜନତାଙ୍କ ପାଇଁ ଦେଶସେବକର ଗୌରବରେ ଗୌରବାନ୍ୱିତ ହେବାର ଯୋଗ୍ୟ। ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସବୁ ସ୍ତରରେ, ପରିବାରର ପ୍ରତ୍ୟେକ ସଦସ୍ୟ ନିଜନିଜର ଦାୟିତ୍ୱକୁ ସଠିକ୍ ସମୟରେ ନିର୍ବାହ କରନ୍ତି ତେବେ ପରିବାରରେ ପ୍ରମାଦ ସୃଷ୍ଟି ହୁଏନାହିଁ। ଫଳରେ ପରିବାର ଜୀବନ ସୁଖ ଶାନ୍ତିମୟ ହୁଏ। ସେହିଭଳି ସମାଜ ଜୀବନ ମଧ ଆନନ୍ଦମୟ ହୁଏ। କାରଣ ପରିବାରରୁ ହିଁ ସମାଜ ଜୀବନର ଅୟମାରମ୍ଭ। ପରିବାର ଭିତରୁ ହିଁ କର୍ମନିଷ୍ଠା ଏବଂ ସାଧୁତାର ମନ୍ତ୍ର ଶିକ୍ଷା କରାଯାଏ। ଯେଉଁ ପରିବାର ସଂସ୍କାର ଓ ସଂସ୍କୃତିଯୁକ୍ତ, ସେହି ପରିବାର ସେତେ ଆଦର୍ଶ ଓ ପ୍ରତିଷ୍ଠିତ ପରିବାରର ମାନ୍ୟତା ପାଇଥାଏ। ଆମ ଦେଶରେ ଯେଉଁ ସବୁ ଆଦର୍ଶ ପରିବାରକୁ ଆମେ ଉଦାହରଣ ଭାବରେ ଗ୍ରହଣ କରିଥାଉ, ସେଠାରେ ଦେଖିବାକୁ ମିଳିଛି ତ୍ୟାଗ, ତପସ୍ୟ ଓ ବଳିଦାବର ଗାଥା। ଦେଶସେବା ପାଇଁ ଆବଶ୍ୟକ ନୁହେଁ ଧନାଢ଼୍ୟ ବ୍ୟକ୍ତି ହୋଇ (ଅନ୍ୟାୟ ପଥରେ ଅର୍ଥ ରୋଜଗାର କରି) ଅର୍ଥଦାନ କରିବା ? ବରଂ ଏଥିପାଇଁ ଦରକାର ଏକ ସାଧୁତାପୂର୍ଣ୍ଣ କର୍ମଦକ୍ଷତାର ନିଷ୍ଠା। ସକାଳ ମାତ୍ରକେ ଯେଭଳି ଜଣେ ଝାଡୁଦାର ତା'ର ସଫାସୁତୁରା କାମଦ୍ୱାରା ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ କରି ଉତ୍ତମ ପରିବେଶ ସୃଷ୍ଟି କରିଚାଲିଥାଏ ତା'ର କର୍ମ ନିଷ୍ଠାକୁ ପ୍ରତିପାଦନ କରାଇ, ସେହିଭଳି ଭାବେ ଆମେ ଯିଏ ଯେଉଁ କ୍ଷେତ୍ରରେ ନିଜର କର୍ମସଂପାଦନ କରୁ, ସେଥିରେ ଯଦି ନିଷ୍ଠା ଓ ସାଧୁତାକୁ ପ୍ରତିପାଦନ କରିଚାଲୁ ତାହାହିଁ ହେଉଛି ଅସଲ ଦେଶସେବା। ଯାହାଦ୍ୱାରା ଅନ୍ୟମାନେ ନିଷ୍ଠାପର ସେବା ଆମଠାରୁ ପାଇଥାନ୍ତି। ଏହାହିଁ ଶ୍ରୀମଦ୍‌ଭଗବତ୍ ଗୀତା ଅନୁଯାୟୀ ସ୍ୱଧର୍ମ ପାଳନର ମୂଳଧର୍ମ, ପ୍ରକୃତ ଈଶ୍ୱର ସେବା।

♥ ସୁନାରୁଇ, ବି.କଟିସାହି, ସିଂଲା, ବାଲିଆପାଳ
ବାଲେଶ୍ୱର-୭୫୬୦୨୩, (ମୋ) ୯୪୩୭୦୮୯୨୪୧

# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ



## ୩ ନାମକରଣ ଉତ୍ସବ

ରାଜା ଶୁଦ୍ଧୋଦନଙ୍କର ଜଣେ ପୁରାତନ ଶିକ୍ଷକ ଥିଲେ। ସେ ପ୍ରଚଣ୍ଡ ଜ୍ଞାନୀ ଥିବାରୁ ଜଣେ ଋଷି ଭାବରେ ପରିଚିତ ଥିଲେ। ତାଙ୍କର ପ୍ରକୃତ ନାମ 'କାଳ ଦେବଳ' ମାତ୍ର ସାଧାରଣତଃ ଲୋକମାନେ ତାଙ୍କୁ 'ଅସିତ ମୁନି' ବୋଲି ଡାକୁଥିଲେ। ଅସିଜ ଜଙ୍ଗଲରେ ବାସ କରୁଥିଲେ। ସେ ଯେତେବେଳେ ଶୁଣିଲେ ଯେ ରାଜାଙ୍କର ଏକ ପୁତ୍ରସନ୍ତାନ ଜାତ ହୋଇଛି, ସେତେବେଳେ ସେ ଭାରି ଖୁସି ହେଲେ। କାରଣ ଏହି ଶିଶୁଥିଲା ରାଜାଙ୍କର ପ୍ରଥମ ସନ୍ତାନ।

ପରଦିନ ସେ ରାଜାଙ୍କ ପୁତ୍ରକୁ ଦେଖିବାକୁ ଗଲେ। ରାଜା ନିଜର ପୁରାତନ ଜ୍ଞାନୀ ଶିକ୍ଷକଙ୍କୁ ଦେଖି ବହୁତ ଆନନ୍ଦିତ ହେଲେ। ପ୍ରାସାଦରେ ଋଷି ତାଙ୍କ ସ୍ଥାନ ଗ୍ରହଣ କରିବା ପରେ ରାଜକୁମାରଙ୍କୁ ରାଜା ସମ୍ମୁଖକୁ ଆଣିଲେ ଏବଂ ପଚାରିଲେ, "ଗୁରୁଦେବ, ମୋର ପୁତ୍ର ଗତକାଲି ହିଁ ଜନ୍ମଗ୍ରହଣ କରିଛି। ଇଏ ସେଇ। ତା'ର ଭବିଷ୍ୟତ ମଙ୍ଗଳ କି ନୁହେଁ ଦେଖନ୍ତୁ ତ।"

ରାଜା ଏପରି କହି ରାଜକୁମାରଙ୍କୁ ଗୁରୁଙ୍କ ସମ୍ମୁଖକୁ ଆଣିଲେ, ଯେପରି ସେ ଉତ୍ତମ ରୂପେ ପରୀକ୍ଷା କରିପାରିବେ। ଶିଶୁଟି ନିଜ ପାଦକୁ ଋଷିଙ୍କ ମୁଣ୍ଡ ଉପରେ ରଖିଦେଲା। ଅସିତ ଏଥିରେ ଆଶ୍ଚର୍ଯ୍ୟ ହୋଇ ଶିଶୁଟିର ପାଦକୁ ଧରି ଯତ୍ନର ସହ ପରୀକ୍ଷା ନିରୀକ୍ଷା କରିବାକୁ ଲାଗିଲେ। ସେ ରାଜକୁମାରଙ୍କ ପାଦରେ କେତେକ ଚିହ୍ନ ଥିବାର ଦେଖିଲେ। ତୁରନ୍ତ ସେ ଠିଆ ହୋଇପଡ଼ି କହିଲେ, "ଏହି ରାଜକୁମାର ପୃଥିବୀର ଜଣେ ସର୍ବଶ୍ରେଷ୍ଠ ଗୁରୁ ହେବେ।" ଋଷି ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ଦୁଇ ହାତ ଯୋଡ଼ି ଶିଶୁ ରାଜକୁମାରଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କଲେ। ଏହା ଦେଖି ରାଜା ମଧ୍ୟ ସେହିପରି କଲେ। ଏହା ରାଜାଙ୍କ ପ୍ରଥମ ଅଭିବାଦନ ଥିଲା।

ଋଷିଙ୍କ ଭବିଷ୍ୟବାଣୀ ଜାଣି ସମସ୍ତେ ଖୁସି ଓ ପ୍ରସନ୍ନ ହେଲେ।

ପଞ୍ଚମ ଦିନ ରାଜା ପାଞ୍ଚ ଜଣ ବିଜ୍ଞ ବ୍ୟକ୍ତିଙ୍କୁ ନାମକରଣ ସଂସ୍କାର ଦର୍ଶନ ନିମନ୍ତେ ଆମନ୍ତ୍ରିତ କଲେ ଏବଂ ରାଜକୁମାରଙ୍କ ନିମନ୍ତେ ଏକ ଉପଯୁକ୍ତ ନାମ ଚୟନ କରିବାକୁ ଅନୁରୋଧ କଲେ। ଏହି ବିଜ୍ଞ ବ୍ୟକ୍ତିମାନେ ରାଜକୁମାରଙ୍କ ଜନ୍ମକୁଣ୍ଡଳୀ ଗଣନା କରି ଶେଷରେ ମନ୍ତବ୍ୟ



ଦେଲେ ଯେ, "ରାଜକୁମାର ଯଦି ଶାସକ ହେବାକୁ ଚାହିଁବେ ତେବେ ସେ ରାଜାଧିରାଜ ହେବେ। ଯଦି ସେ ଅଧ୍ୟାତ୍ମ ମାର୍ଗ ଅନୁସରଣ କରିବେ ତେବେ ସେ ହେବେ ସବୁଠାରୁ ଜ୍ଞାନୀ - 'ବୁଦ୍ଧ'।"

ଏହି ପଞ୍ଚ ବିଜ୍ଞଙ୍କ ଭିତରୁ ସର୍ବକନିଷ୍ଠ ଥିଲେ କୋଣ୍ଡନା। ସେ କହିଲେ, "ଏହି ରାଜକୁମାର କେବଳ ବୁଦ୍ଧ ହିଁ ହେବେ, ଅନ୍ୟ କିଛି ନୁହେଁ।"

ତତ୍ପରେ ସେମାନେ ରାଜକୁମାରଙ୍କ ନାମଦେଲେ 'ସିଦ୍ଧାର୍ଥ' ଅର୍ଥାତ୍ 'ଇଚ୍ଛାର ପୂର୍ଣ୍ଣତା'। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା: ରଞ୍ଜନ ଓ ରଜଙ୍କୁ ସ୍ୱର୍ଣ୍ଣ ପଦକ



ବାରିପଦା, ୨୩/୮ (ନି.ପ୍ର): ପାରା ସ୍ପୋର୍ଟସ ଏସୋସିଏସନ, ଓଡିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାର ଦୁଇ ତାରକା ରଞ୍ଜନ ହାଁସଦା ଓ ରଜ ମାର୍ଣ୍ଡି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଓ ରଞ୍ଜନ ୧୦୦ ମିଟର, ୨୦୦ ମିଟର ଦୌଡ଼ ସହ ଲମ୍ବଡିଆଁ ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରଜ ମାର୍ଣ୍ଡି ସଟପୁଟ ଓ ଡ଼ିସକାସ ଥ୍ରୋ ରେ ପ୍ରଥମ ସ୍ଥାନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଉଭୟ ଖେଳାଳି ଜାତୀୟ ସ୍ତରୀୟ ପାରା ଏଥଲେଟକ ମିଟରରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି ଓ ତତସହିତ ବିଭିନ୍ନ ମହଲରୁ ଉଭୟଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିଛି ଓ ପ୍ରକାଶ ଥାଉକି ବାରିପଦାର ରଞ୍ଜନ ଓ ଉଦଳାର ରଜ ଉଭୟେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ ନିଜର ପ୍ରତିଭା ବଳରେ ଜାତୀୟ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବାସୁଦେବପୁର, ୨୩/୮ (ନି.ପ୍ର): ବାସୁଦେବପୁର ହନୁମାନ ବାଟିକା ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭାଗ ଓ ସମ୍ଭାର ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ବିଧାୟକ ଶ୍ରୀ ଦାସ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ ଓ ସେମାନଙ୍କର ମଙ୍ଗଳ କାମନା କରିଥିଲେ । ବେତଡା ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ ଉଦେଶ୍ୟ କଥନ ରଖିଥିଲେ । ବିଦ୍ୟାମନ୍ଦିରର ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ ଆଶୀର୍ବଚନ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁଷ୍ପାଞ୍ଜଳି ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ନବମ ଶ୍ରେଣୀ ଛାତ୍ରୀ ଗାର୍ଗୀ ଅନନ୍ୟା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀ ସାମୂହିକ କଣ୍ଠ ସଙ୍ଗୀତ ଗାନ କରିଥିଲେ । ଯୁଗ୍ମ ସମ୍ପାଦକ ପ୍ରକାଶ ମହାରଣା ଯୋଗ ଦେଇଥିଲେ । ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ଶ୍ରୀବିଦ୍ୟା ଟ୍ରଷ୍ଟ ତରଫରୁ ଆକ୍ୱାଗାର୍ଡ଼ ପ୍ରଦାନ



ଉଦଳା , ୨୩/୮ (ନି.ପ୍ର): ଉଦଳାସ୍ଥିତ ଉପକାରାଗାରକୁ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ଆଜି ଅଗଷ୍ଟ ୨୩ ତାରିଖ ଶନିବାର ଦିନ ଏକ ଆକ୍ୱାଗାର୍ଡ଼ ପ୍ରଦାନ କରାଯାଇଛି । ଉକ୍ତ ଆକ୍ୱାଗାର୍ଡ଼କୁ କାରାଗାରର ଅଧିକ୍ଷକ ସରସ୍ୱତୀ ବେହେରା ଫିତାକାଟି ଉଦ୍ ?ଘାଟନ କରିବା ସହ ଟ୍ରଷ୍ଟର ସଦସ୍ୟ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଟ୍ରଷ୍ଟର ପ୍ରତିଷ୍ଠାତା ଦୁଳମଣି ପୁହାଣଙ୍କ ସମେତ ସଦସ୍ୟ ସଂଜୟ ପୁହାଣ ଓ ବିବେକ ସଦୁଆଳ ପ୍ରମୁଖ ଆଜିର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହାପରେ କାରାଗାରରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ଟ୍ରଷ୍ଟ ତରଫରୁ ମିଷ୍ଟାନ୍ନ ବଂଟନ କରାଯାଇ କାର୍ଯ୍ୟକ୍ରମର ଯବନିକା ପକାଯାଇଥିଲା । କାରାଗାରର ଅନ୍ତେବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଉଦେଶ୍ୟରେ ଉକ୍ତ ଆକ୍ୱାଗାର୍ଡ଼ ପ୍ରଦାନ କରାଯାଇଥିବାର କଥା ଟ୍ରଷ୍ଟ ତରଫରୁ କୁହାଯାଇଛି । ପ୍ରକାଶ ଥାଉକି ଶ୍ରୀବିଦ୍ୟା ଉଦଳା ଅଂଚଳର ଜଣେ ମେଧାବୀ ଛାତ୍ରୀ ଥିଲେ । କିଛିବର୍ଷ ପୁର୍ବେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହୋଇଯାଇଛି । ତାଙ୍କ ନାମରେ ଗଢ଼ି ଉଠିଥିବା ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ବର୍ଷତମାମ ବିଭିନ୍ନ ପ୍ରକାର ସେବାମୂଳକ କାମ କରିଚାଲିଛି ।

# ପଠାଣି ସାମନ୍ତ ପ୍ଲାନେଟରୀୟମ ପାଇଁ ଚାଲିଛି ବଜେଟ ଏଷ୍ଟିମେଟ

ଭୁବନେଶ୍ୱର, ୨୩/୮ (ନି.ପ୍ର): ପଠାଣୀ ସାମନ୍ତ ପ୍ଲାନେଟରୀୟମ ପାଇଁ ଚାଲିଛି ଏଷ୍ଟିମେଟ । ଜିଲ୍ଲାସ୍ତରୀୟ ପ୍ଲାନେଟରୀୟମ ପାଇଁ ଅନେକ ଜାଗାରେ କାମ ଚାଲିଛି । କିଛି ଜିଲ୍ଲାରେ ଉଦ୍ଘାଟନ ଅପେକ୍ଷାରେ ରହିଛି । ପ୍ରାୟ ଦଶ ବାରଟି ଜିଲ୍ଲାରେ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଗଲାଣି ପ୍ଲାନେଟରୀୟମ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏହା ସହ ସେ କହିଛନ୍ତି ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ । ଓଡିଶାରେ ଅଧିକରୁ ଅଧିକ ବୈଜ୍ଞାନିକ କିପରି ବାହାରି କାମ କରିବେ ସେଥିପାଇଁ ଆମ ସରକାର ଧ୍ୟାନ ଦେଉଛନ୍ତି । ପ୍ରତି ବର୍ଷ ୩୦ଜଣ କୁନି ବୈଜ୍ଞାନିକଙ୍କୁ ଇସ୍ରୋ ପଠାଯାଉଛି ସେମାନେ ସେଠାରେ ସ୍ପେସ ସେଂଟର ବୁଲୁଛନ୍ତି ଓ ଜ୍ଞାନ ଆହରଣ କରୁଛନ୍ତି ।

# ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ



ଭଦ୍ରକ, ୨୩/୮ (ନି.ପ୍ର): ସର୍ବ ଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୂର ମହାସଂଘର ରାଷ୍ଟ୍ରିୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହର ସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ) ଠାରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ସକାଳେ ବିଷ୍ଣୁପୁର ଛକ ସ୍ଥିତ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବହୁ ବୁଦ୍ଧିଜୀବୀ, ଭାରତୀୟ ମଜଦୂର ସଂଘର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ବାଢିଥିଲେ । ପରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲ (ଶହୀଦ୍ ସ୍ମୃତି ଭବନ)ରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାରତୀୟ ମଜଦୂର ସଂଘର ରାଜ୍ୟ ସଭାପତି ଯୋଗ ଦେଇ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ସମାଜର ତଳ ଶ୍ରେଣୀ ଲୋକମାନଙ୍କ ହକ୍ ପାଇଁ ଲଢ଼େଇ ଆରମ୍ଭ କରିଥିଲେ । ଭାରତୀୟ ମଜଦୂର ସଂଘ ସହିତ ସାମିଲ ହୋଇ ସର୍ବଭାରତୀୟ କାର୍ଯ୍ୟକର୍ତ୍ତା ଭାବେ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଅଦମ୍ୟ ସାହସ, ନିର୍ଭୀକତା, ପ୍ରବଳ ଇଚ୍ଛାଶକ୍ତି ତାଙ୍କୁ କେବେ ହାର ମାନିବାକୁ ଦେଇ ନଥିଲା । ପ୍ରତାପ ଜଣେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁର ଠାରେ ଦେହାନ୍ତ ହୋଇଥିଲା । ତାଙ୍କ ନିଧନ ସମଗ୍ର ଶ୍ରମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି, କିଛି ମହାମନିଷୀ ସ୍ୱଳ୍ପ ସମୟ ପାଇଁ ଧରାପୃଷ୍ଠକୁ ଆସିଥିଲେ, ସେମାନେ ସମାଜ ପାଇଁ କିଛି ଛାପ ଛାଡ଼ି ଯାଇଛନ୍ତି । ସେହିଭଳି ପ୍ରତାପ ପଣ୍ଡା ମଧ ସ୍ୱଳ୍ପ ସମୟ ମଧ୍ୟରେ ସମଗ୍ର ଦେଶ ପାଇଁ ଶ୍ରମିକ ସଂଗଠନ ଜରିଆରେ ମହନୀୟ ବାର୍ତ୍ତା ଛାଡ଼ି ଯାଇଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଗତ ୨୦ ତାରିଖରେ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣି ମନ୍ଦିର ରାସ୍ତାରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱର୍ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ପ୍ରତିଭା ଭାବେ ବିଶିଷ୍ଟ ଉଦ୍ୟୋଗପତି ଭାବେ ମନୋଜ ନାୟକ, ଶିକ୍ଷକ ସମରେନ୍ଦ୍ର ମିଶ୍ର, ପୂର୍ବତନ ବିଏମ୍ଏସ୍ର ଜିଲ୍ଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନର ସଦସ୍ୟ ବିଜୟ ଭୂଷଣ ନାୟକ, ଭଦ୍ରକ ଜିଲ୍ଲା ଅଙ୍ଗନବାଡ଼ି ସଂଘର ପ୍ରମିଳା ପାଢ଼ୀ, ସମାଜସେବୀ ପାର୍ଥ ସାରଥୀ ନାୟକ, ଆଦର୍ଶ କୃଷକ ଉଦୟନାଥ କର, କୃତି ଛାତ୍ର ସଦାନନ୍ଦ ପଣ୍ଡା ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ ଧଳ, ବସନ୍ତ ରାଉତ, ବିଦ୍ୟାଧର ସେଠୀ, କମଳାକାନ୍ତ ସାହୁ, ଅଶୋକ ନାୟକ, ବିଶ୍ୱନାଥ ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟାରାଣୀ ପହି, ବସନ୍ତ ବଳ, ତପନ ପାତ୍ର, ଯୋଗେଶ୍ୱର ଦାସ, ବିକାଶ ସାମଲ, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ ନାୟକ, ତପନ ପଣ୍ଡା, ବିପିନ୍ ମିଶ୍ର, ସୁଶାନ୍ତ ନାୟକ, ସ୍ମିତା ନାୟକ, ମମତା ବାରିକ, ସଞ୍ଜୁଲତା ରାଉତ, ନିରୂପମା ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ ।

# ରାଉରକେଲାରେ ସାଲେମ୍ ଷ୍ଟେନଲେସ୍ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ






ରାଉରକେଲା, ୨୩/୮ (ନି.ପ୍ର): ଓଡିଶାରେ ପ୍ରଥମ ଥର ପାଇଁ, ସେଲ ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟ, ରାଜ୍ୟରେ ଷ୍ଟେନଲେସ୍ ଷ୍ଟିଲ୍ ଘରୋଇ ଉତ୍ପାଦ ବିକ୍ରି ପାଇଁ ଏହାର ପ୍ରଥମ ଖୁଚୁରା ଆଉଟଲେଟ୍, 'ସାଲେମ୍ ଷ୍ଟେନଲେସ୍ ସପ୍' ଶୁଭାରମ୍ଭ କରିଛି । ରାଉରକେଲାର ଆମ୍ବାଗାନ୍ର ଇସ୍ପାତ ସେଣ୍ଟ୍ରାଲ୍ ମାର୍କେଟ୍ ନିକଟରେ ଅବସ୍ଥିତ ଏହି ଆଉଟଲେଟ୍କୁ ଅଗଷ୍ଟ ୨୨ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ଶ୍ରୀମତୀ ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ସାଲେମ ଷ୍ଟିଲ ପ୍ଲାଣ୍ଟର ସିଜିଏମ ଅପରେସନ ଶ୍ରୀ ଟି ପି ଶିବଶଙ୍କର, ବିତ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ବନ୍ଦନା ସିଂହ, ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଆଉଟଲେଟ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ଖୋଲାଯାଇଛି, ଯାହା ସେଲ୍ର ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟର ଐତିହ୍ୟକୁ ସିଧାସଳଖ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଉଛି, ଯାହା ଜନସାଧାରଣଙ୍କୁ ଉଚ୍ଚମାନର, ବିଶ୍ୱସ୍ତ ଏବଂ ପରିବେଶ ଅନୁକୂଳ ଉତ୍ପାଦ ପ୍ରଦାନ କରିବା ପାଇଁ ସେଲ୍ର ପ୍ରତିବଦ୍ଧତାକୁ ଦୋହରାଉଛି । ସାଲେମ୍ ଷ୍ଟେନଲେସ୍ ସପ୍ ଏହାର '୩୦୪ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍' ପାଇଁ ଜଣାଶୁଣା ବିଭିନ୍ନ ଉତ୍ପାଦ ଉପଲବ୍ଧ କରୁଛି, ଯାହା ଦୀର୍ଘସ୍ଥାୟୀ, ସୁନ୍ଦର ଡିଜାଇନ୍ ଗୁଣଗୁଡ଼ିକ ପାଇଁ ପରିଚିତ ଅଟେ । ଏହି ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ ଅବସରରେ ସାଲେମ୍ ଷ୍ଟେନଲେସ୍ ସପ୍ ଏହାର ସମସ୍ତ ଉତ୍ପାଦ ଉପରେ ପ୍ରାରମ୍ଭିକ ୨୫% ରିହାତି ପ୍ରଦାନ କରୁଛି, ଯାହା ବାସିନ୍ଦାମାନଙ୍କୁ ଏକ ବିଶେଷ ମୂଲ୍ୟରେ ଉଚ୍ଚମାନର ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ଏବଂ ଘରୋଇ ସାମଗ୍ରୀ କିଣିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି । ସେଲ୍ର ଯେକୌଣସି ଷ୍ଟିଲ୍ ସିଟିରେ ଖୋଲାଯାଇଥିବା ଏହି ବିକ୍ରୟ କେନ୍ଦ୍ର, ଓଡ଼ିଶାରେ ସେଲ୍ର ଖୁଚୁରା ଉପସ୍ଥିତିକୁ ବିସ୍ତାର କରିବା, ସମାଜକୁ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଘରୋଇ ସମାଧାନ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟ୍ରମ୍ପଙ୍କୁ ଆଇନା...

ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଘନିଷ୍ଠତା ବିଷୟରେ ଏକ ପ୍ରଶ୍ନର ଉତ୍ତର ଦେଇ ଏସ ଜୟଶଙ୍କର କହିଛନ୍ତି, 'ସେମାନଙ୍କର ପରସ୍ପର ସହିତ ଏକ ଇତିହାସ ଅଛି ଏବଂ ସେହି ଇତିହାସକୁ ଅଣଦେଖା କରିବାର ସେମାନଙ୍କର ଇତିହାସ ଅଛି । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଆମେ ଏପରି ଜିନିଷ ଦେଖିଛୁ । ଆଜି ଏକ ସେନା ସେଠାରେ କାହାକୁ ପ୍ରମାଣପତ୍ର ଦେଉଛି, ସେହି ସେନା କିଛି ବର୍ଷ ପୂର୍ବରୁ ଆବୋଟାବାଦରେ ପ୍ରବେଶ କରିଥିଲା । ସମସ୍ତେ ଜାଣନ୍ତି ଯେ ସେଠାରେ କିଏ ମିଳିଥିଲା ।' ଅପରେଶନ ସିନ୍ଦୂର ଉପରେ ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରି ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଯୁଦ୍ଧ ହୁଏ, ପ୍ରତ୍ୟେକ ଦେଶ ପରସ୍ପର ସହିତ କଥା ହୁଏ । ସେ କହିଛନ୍ତି ଯେ ପାକିସ୍ତାନୀ ସାମରିକ ଘାଟିଗୁଡ଼ିକୁ ସଠିକ ଟାର୍ଗେଟ କରିବା ପରେ ଇସଲାମାବାଦ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା । ସେ କହିଛନ୍ତି, 'ଏହା ସତ୍ୟ ଯେ ସେହି ସମୟରେ ଫୋନ କଲ କରାଯାଇଥିଲା । ଆମେରିକା ଏବଂ ଅନ୍ୟାନ୍ୟ ଦେଶରୁ ମଧ କଲ କରାଯାଇଥିଲା । ଏହା କୌଣସି ଗୁପ୍ତ କଥା ନୁହେଁ । ଇସ୍ରାଏଲ-ଇରାନ ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ସମୟରେ ମଧ ମୁଁ କଲ କରିଥିଲି । ଏହା କିଛି ନୂଆ ନୁହେଁ ।' ରୁଷୀୟ ତୈଳ କିଣିବା ପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରିଥିଲେ । ଶନିବାର (୨୩ ଅଗଷ୍ଟ, ୨୦୨୫) ବୈଦେଶିକ ମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ଭାରତ ଶକ୍ତି କ୍ଷେତ୍ରରେ ସ୍ୱାଧୀନ ନିଷ୍ପତ୍ତି ନେବା ଜାରି ରଖିବ । ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ବାଣିଜ୍ୟ ସମର୍ଥନକାରୀ ଆମେରିକା ପ୍ରଶାସନ ପାଇଁ କାମ କରୁଥିବା ଲୋକମାନେ ଅନ୍ୟମାନଙ୍କୁ ବ୍ୟବସାୟ କରୁଥିବାର ଅଭିଯୋଗ କରିବା ହାସ୍ୟାସ୍ପଦ । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମଧ କହିଛନ୍ତି ଯେ ୱାଶିଂଟନ ସହିତ ବାଣିଜ୍ୟ ଆଲୋଚନା ଚାଲିଛି, କିନ୍ତୁ କିଛି ସୀମା ଅଛି ଯାହାକୁ ଆମକୁ ରକ୍ଷା କରିବାକୁ ପଡିବ । ବୈଦେଶିକ ମନ୍ତ୍ରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ଶୁଳ୍କ ଅଗଷ୍ଟ ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି । ସେ କହିଛନ୍ତି ଯେ ୟୁରୋପ ଭାରତ ଅପେକ୍ଷା ରୁଷିଆ ସହିତ ବହୁତ ଅଧିକ ବାଣିଜ୍ୟ କରେ । ଇକୋନୋମିକ ଟାଇମ୍ସ ୱାଲରଡ ଲିଡର୍ସ ଫୋରମ ୨୦୨୫ରେ ବୈଦେଶିକ ମନ୍ତ୍ରୀ କହିଥିଲେ, 'ଯଦି ଆପଣଙ୍କର ଭାରତରୁ ତେଲ କିମ୍ବା ରିଫାଇନ ଉତ୍ପାଦ କିଣିବାରେ ସମସ୍ୟା ଅଛି, ତେବେ ଏହାକୁ କିଣନ୍ତୁ ନାହିଁ । କେହି ଆପଣଙ୍କୁ ଏହାକୁ କିଣିବାକୁ ବାଧ କରୁନାହାଁନ୍ତି । ୟୁରୋପ ଏବଂ ଆମେରିକା ଏହାକୁ କିଣନ୍ତି, ତେଣୁ ଯଦି ଆପଣ ଏହାକୁ ପସନ୍ଦ କରନ୍ତି ନାହିଁ, ତେବେ ଏହାକୁ କିଣନ୍ତୁ ନାହିଁ । ୨୦୨୨ରେ ତୈଳ ମୂଲ୍ୟ ବୃଦ୍ଧି ନେଇ ଅନ୍ତର୍ଜାତୀୟ ସ୍ତରରେ ଗଭୀର ଚିନ୍ତା ଥିଲା । ସେତେବେଳେ କୁହାଯାଇଥିଲା ଯେ ଯଦି ଭାରତ ରୁଷିଆରୁ ତେଲ କିଣିବାକୁ ଚାହୁଁଛି, ତେବେ ଏହାକୁ କିଣିବାକୁ ଦିଅ, କାରଣ ଏହା ମୂଲ୍ୟକୁ ସ୍ଥିର କରିବ ।'ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତି ଆଲୋଚନାରେ ସମସ୍ୟାଗୁଡ଼ିକୁ ଗ୍ରହଣ କରି ଏସ ଜୟଶଙ୍କର କହିଛନ୍ତି ଯେ ଭାରତର ନିଜସ୍ୱ 'ରେଡ ଲାଇନ୍' ଅଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ସ୍ୱାଧୀନ ନିଷ୍ପତ୍ତି ନେବାର କ୍ଷମତା ରଖିଛି । ଏସ ଜୟଶଙ୍କର କହିଛନ୍ତି, 'ଭାରତୀୟ ତେଲ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ସ୍ଥିରତା ଆଣିବାରେ ସାହାଯ୍ୟ କରେ । ଆମେ ମୂଲ୍ୟ ସ୍ଥିର ରଖିବା ପାଇଁ ତେଲ କିଣୁଛୁ । ଏହା ନିଶ୍ଚିତ ଭାବରେ ଆମର ଜାତୀୟ ସ୍ୱାର୍ଥରେ, କିନ୍ତୁ ଏହା ବିଶ୍ୱ ସ୍ୱାର୍ଥରେ ମଧ ରହିଛି ।'

### ନବୀନ ପଟ୍ଟନାୟକଙ୍କୁ ...

ବିଜେଡି ସଭାପତି ନବୀନ ପଟ୍ଟନାୟକ ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ତାଙ୍କୁ ଭେଟିବା ଲାଗି ବଡ଼ ଭାଇ ନବୀନ ନିବାସରେ ପହଞ୍ଚିଥିବା କୁହାଯାଉଛି । ତେବେ ପ୍ରେମଙ୍କ ହଠାତ ଓଡିଶା ଗସ୍ତ ନେଇ ରାଜନୈତିକ ଚର୍ଚ୍ଚା ମଧ ଆରମ୍ଭ ହୋଇଛି । ନବୀନଙ୍କ ଉତ୍ତରାଧିକାରୀ ବାବଦରେ ଆଲୋଚନା ହୋଇଥିବା ମଧ ଅନେକ କହୁଛନ୍ତି ।

### ୨୫ ତାରିଖ ଯାଏଁ ...

ଏହାସହିତ ଲିଗ୍-ହେୟାରରେ ଥିବା ସମସ୍ତ ସଦସ୍ୟଙ୍କ ଅନୁମତିପତ୍ର ବି ଦରକାର ପଡୁଥିଲା । ଯାହାଫଳରେ ଭାଇ-ଭାଇ ବିବାଦ ଓ ଭଉଣୀଙ୍କ ଅନୁମତି ପାଇଁ ଚାଷୀ ନାକେଦମ ହେଉଥିଲେ । ଭାଇ ବାହାରେ ରହୁଥିଲେ ହ୍ୱାଟ୍ସଆପରେ ଫର୍ମ ପଠାଇବାକୁ ପଡୁଥିଲା । ଏବେ ଏହାକୁ ସରଳ କରିଛନ୍ତି ରାଜ୍ୟ ସରକାର । ବଂଶାନୁକ୍ରମିକ ପ୍ରମାଣପତ୍ର ନଥିଲେ ସେଲ୍ଫ ଡିକ୍ଲାରେସନ୍ ମାଧ୍ୟମରେ ଚାଷୀମାନେ ଜମି ପଞ୍ଜୀକରଣ କରିପାରିବେ ।

### ରାଜସ୍ୱ ମନ୍ତ୍ରୀଙ୍କ ବିସ୍ଫୋରକ...

ଅମଲା ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ମୁଁ ସ୍ପଷ୍ଟ କରୁଛି, ବିଜେଡି ଦ୍ୱାରା ପ୍ରେରିତ ହୋଇ ସଂଘର କିଛି ନେତା ଏହି ଆନ୍ଦୋଳନ ଜାରି ରଖିଛନ୍ତି । ସେମାନେ ସମସ୍ୟାର ସମାଧାନ ଚାହୁଁନାହାନ୍ତି । ବିଭିନ୍ନ ମହଲରୁ ମଧ ତଥ୍ୟ ଆସୁଛି ଯେ ଅମଲାଙ୍କୁ ଢାଲ କରି ସରକାର ବିରୋଧରେ ଆନ୍ଦୋଳନ କରିବା ଲକ୍ଷ୍ୟ ରଖାଯାଇଛି । ଅମଲାମାନଙ୍କ ଯାହା ଦାବି ରହିଛି ତାହା ହେଉଛି ଏହା ମୋ ପରିବାରର ସମସ୍ୟା । ସମାଧାନ ପାଇଁ ସମୟ ଲାଗିବ । ବିଧି ବ୍ୟବସ୍ଥା ଭିତରେ ହେବ କ୍ୟାଡର ପୁନଃଗଠନ । ଏହି ପ୍ରକ୍ରିୟା ଶେଷ ସୋପାନରେ ଅଛି । ବିଗତ ସରକାର ଯେତେ ସମସ୍ୟା ଛାଡ଼ିକି ଯାଇଛନ୍ତି, ଗୋଟିଏ ବି ସମସ୍ୟାର ସମାଧାନ କରିନାହାନ୍ତି । ଯେଉଁମାନେ ସଂଘକୁ ଭୁଲ ରାସ୍ତାରେ ନେଉଛନ୍ତି, ସେମାନଙ୍କୁ ଚିହ୍ନନ୍ତୁ । ସେମାନେ ମଙ୍ଗଳ ଚାହୁଁନାହାନ୍ତି । ଲୋକଙ୍କୁ ହଇରାଣ ନ କରି କାର୍ଯ୍ୟରେ ଯୋଗ ଦିଅନ୍ତୁ । କିଛି ଲୋକ ଏବେ ବି ଭାବୁଛନ୍ତି ବିଜେଡି ସରକାର ଚାଲିଛି । ସେମାନେ କେଉଁ ନେତାଙ୍କୁ ଭେଟୁଛନ୍ତି, ତାର ରିପୋର୍ଟ ମୋ ପାଖରେ ଅଛି । ୮ହଜାର ଅମଲାଙ୍କୁ ଆନ୍ଦୋଳନକୁ ଓହ୍ଲାଇ ସେମାନେ ଭାବୁଛନ୍ତି ସରକାରକୁ ହଇରାଣ କରିଦେବେ, ତାହା ହେବାକୁ ଦିଆଯିବ ନାହିଁ । ମୁଁ ପୁରା ବିଜେଡିକୁ କାଠଗଡ଼ାରେ ଛିଡ଼ା କରିବାକୁ ଚାହେଁନାହିଁ, କିନ୍ତୁ ସେ ସରକାରରେ ଯେଉଁମାନେ ପାୱାରଫୁଲ ଥିଲେ ଓ ସଂପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନେ ଏବେ କ୍ଷମତାରୁ ଯିବାକୁ ହଜମ କରିପାରୁନାହାନ୍ତି । ମୋ' ପାଖକୁ ବିଭିନ୍ନ ଜିଲ୍ଲାର ଅମଲା କର୍ମଚାରୀ ଆସିଥିଲେ, ସେମାନେ କହୁଥିଲେ ସଂଘର ନେତା ଆମକୁ କିଛି କହୁନାହାନ୍ତି । ତେବେ ସୋମବାର ସେମାନେ କାର୍ଯ୍ୟରେ ଯୋଗ ଦେବାକୁ ରାଜି ହୋଇଛନ୍ତି । ଯେଉଁମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ଓ ଯଦି ସୁଧୁରିବେ ନାହିଁ ତଥା ସରକାରକୁ ଅପଦସ୍ତ କରିବାକୁ ଚେଷ୍ଟା କରିବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁତ ଅସ୍ତ୍ର ଅଛି, ଯାହାକୁ ସେମାନେ ସମ୍ଭାଳିପାରିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଚେତାବନୀ ଦେଇ କହିଛନ୍ତି । ବିଜେଡି ନେତା ଅଶୋକ ପଣ୍ଡା ମନ୍ତ୍ରୀଙ୍କ ଅଭିଯୋଗକୁ ସିଧାସଳଖ ଖଣ୍ଡନ କରି କହିଛନ୍ତି ଯେ, 'ଚାଲି ନଜାଣି ବାଟର ଦୋଷ । ଅମଲା ସଂଘର ଦାବି ହୁଏତ ନ୍ୟାୟସଙ୍ଗତ ହୋଇଥିବ । ନିଜ ବିଭାଗର ସମସ୍ୟାର ସମାଧାନ କରିବାର ଆବଶ୍ୟକତା ଅଛି । ସରକାର ସେ ଦାୟିତ୍ୱ ନିର୍ବାହ କରନ୍ତୁ ।ଅନ୍ୟକୁ ଦୋଷ ଦେବା ଛାଡ଼ନ୍ତୁ । ଓଡ଼ିଶା ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ଆନ୍ଦୋଳନ ଜାରି ରଖିଛି । ଏହା ମଧ୍ୟରେ ମୂଳ ଦରମାକୁ ଓଆରଏସପି-୨୦୧୭ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି, ସ୍ୱାସ୍ଥ୍ୟ ବୀମା ୨୦ ଲକ୍ଷ ଟଙ୍କା, ପୁରୁଣା ପେନସନ ଯୋଜନା ପୁନଃସ୍ଥାପନ ଏବଂ ୪ ବର୍ଷରେ ପଦୋନ୍ନତି ଆଦି ରହିଛି । ସଂଘର ସଦସ୍ୟ ବର୍ଣ୍ଣାଳୀ ନାୟକ କହିଛନ୍ତି, 'ଆମେ ଲୋକଙ୍କ ଅସୁବିଧା ପାଇଁ ଦୁଃଖିତ, କିନ୍ତୁ ଆମର ନ୍ୟାୟସଙ୍ଗତ ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ । ସଂଘର ଜିଦ୍ ଓ ସରକାରଙ୍କ କଡ଼ା ଆଭିମୁଖ୍ୟ ମଧ୍ୟରେ ସମାଧାନର ପଥ ଏପର୍ଯ୍ୟନ୍ତ ଅସ୍ପଷ୍ଟ । ଏହି ଆନ୍ଦୋଳନ ଯୋଗୁ ବ୍ଲକ, ତହସିଲ ଓ ଜିଲ୍ଲାପାଳ ଅଫିସରେ ସରକାରୀ କାର୍ଯ୍ୟ ଠପ୍ ହୋଇପଡ଼ିଛି ।

### ବାଦଲଫଟା ବର୍ଷାରେ...

ହର୍ଷିଲ, ବଡ଼କୋଟ, କେଦାର ଗାଁ, ଖଲ୍ଲାଡ଼, ମାଟଲାଡ଼ ଓ କର୍ବାରୀରେ ପ୍ରାୟତଃ ଭୂସ୍ଖଳନ, ବାଦଲଫଟା ବର୍ଷା ସମସ୍ୟା ଦେଖାଯାଏ । ୧୮୩୫ ମସିହାରୁ ଲଗାତାର ଏଭଳି ଦୈବ ଦୁର୍ବିପାକ ସମ୍ମୁଖୀନ ହେଉଛି ଉତ୍ତରକାଶୀ । କିଛି ଦିନ ପୂର୍ବରୁ ଉତ୍ତରକାଶୀର ଧରାଲି ଗାଁରେ ତାଣ୍ଡବ ରଚିଥିଲା ପ୍ରକୃତିର । ଠିକ ସେଭଳି କିଛି ପ୍ରଳୟ ପୁଣି ଥରେ ଥରାଲିକୁ ଥରହର କରିଛି ।

### ୨୦୨୬ ନିର୍ବାଚନ...

ବଢ଼ାଉଥିବ କିନ୍ତୁ ତାମିଲନାଡୁ ରାଜନୀତିରେ ନୂଆ ଦଳ ଭାବେ ତିଷ୍ଠିବା ଏତେଟା ସହଜ ନୁହେଁ । ସବୁବେଳେ ରାଜ୍ୟରେ ଦୁଇଟି ମେଣ୍ଟ ଡିଏମ୍କେ ଓ ଏଆଇଡିଏମ୍କେ ମଧ୍ୟରେ ଲଢ଼େଇ ହୁଏ । କେବଳ ୨୦୨୪ ଲୋକସଭା ନିର୍ବାଚନକୁ ଛାଡ଼ିଦେଲେ ଆଉ ପ୍ରାୟ ସମସ୍ତ ନିର୍ବାଚନରେ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ଏହି ଦୁଇ ମେଣ୍ଟରେ ସାମିଲ ହୋଇଛନ୍ତି । ଜନ ନାୟଗଣକୁ ନିଜ ଜୀବନର ଶେଷ ଚଳଚ୍ଚିତ୍ର ଭାବେ ଅବିହିତ କରି ବିଜୟ ଏବେ ରାଜନୀତିରେ ପୂରା ସମୟ ଦେଉଛନ୍ତି । ଏହା ସତ ଯେ ତାମିଲନାଡୁ ରାଜନୀତିରେ ଲୋକପ୍ରିୟ ଚଳଚ୍ଚିତ୍ର ତାରକାମାନେ ଖୁବ ସଫଳ ହୋଇଛନ୍ତି । ଯେପରିକି ଏମଜି ରାଘବେନ୍ଦ୍ରେନ ଓ ଜୟଲଳିତା । ଏହା ସହ ତାଳ ଦେଇ ବହୁ ଚଳଚ୍ଚିତ୍ର ତାରକା ତଥା କମଲ ହାସନ, ରଜନୀକାନ୍ତ ରାଜନୀତିରେ ଏତେଟା ସଫଳ ହୋଇନାହାଁନ୍ତି । ତେବେ ବିଜୟଙ୍କ ରାଜନୀତି ଯାତ୍ରାର ସଫଳତା ଆଗାମୀ ଦିନର ବିଧାନସଭା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି । ତାରକା ରାଜନୀତି କରିବେ ନା ପୁଣି ଫିଲ୍ମ ଦୁନିଆକୁ ଫେରିବେ ସମୟ ହିଁ କହିବ ।

### ଋଣ ଜାଲିଆତି...

ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟମାନଙ୍କ ବିରୋଧରେ ଦିଲ୍ଲୀରେ ଏଫଆଇଆର ରୁଜୁ କରାଯାଇଥିଲା । ଏହାପରେ ସିବିଆଇ ପକ୍ଷରୁ ଏପରି ରେଡ ହୋଇଛି । ଏହାପୂର୍ବରୁ ଅମ୍ବାନିଙ୍କ କମ୍ପାନୀ ସହ ଜଡ଼ିତ ଥିବା କିଛି ଲୋକଙ୍କ ଘରେ ମଧ ସିବିଆଇ ରେଡ କରିଥିଲା । ସିବିଆଇ ତା'ର ଅଭିଯୋଗରେ ଦର୍ଶାଇଛି ଯେ ଅନୀଲ ଅମ୍ବାନିଙ୍କ ରିଲାଏନ୍ସ କମ୍ୟୁନିକେସନ ଲିଃ(ଆରସିଓଏମ) ପକ୍ଷରୁ ମୋଟ ୩୭୦୭ କୋଟି ଟଙ୍କାର ଋଣ ଜାଲିଆତି କରାଯାଇଛି । ଏଥିସହ ବ୍ୟାଙ୍କ ପକ୍ଷରୁ ଅନୀଲ ଅମ୍ବାନିଙ୍କ ସମେତ ତାଙ୍କ କମ୍ପାନୀ ଅଧୀନରେ ଥିବା ଆକାଉଣ୍ଟ ଓ ପ୍ରମୋଟର୍ସମାନଙ୍କୁ ଠକ ଭାବେ ଚିହ୍ନଟ କରିଥିଲା । ୨୦୨୦ ନଭେମ୍ବର ୧୦ରେ ଏସବିଆଇ ଏପରି ପଦକ୍ଷେପ ନେଇଥିଲା । ଏହାପରେ ୨୦୨୧ ମସିହା ଜାନୁଆରୀ ୫ରେ ସିବିଆଇ ନିକଟରେ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରାଯାଇଥିଲା ।

# କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସାଂସଦଙ୍କୁ ଦାବିପତ୍ର

ନୀଳଗିରି , ୨୩/୮ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀ କେ.ପି ଲାଖରଜ ପଞ୍ଚାୟତ ମିତ୍ରପୁର ଅଞ୍ଚଳର କୁଁଅରପୁର ମାହାଲ ମୌଜାର ବାଦାମବାଡି ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନପାଇଁ ଉକ୍ତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦାବୀପତ୍ର ଦେବା ସହିତ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଗୋପାଳଚନ୍ଦ୍ର ମହାପାତ୍ର, ପ୍ରକାଶଚନ୍ଦ୍ର ମହାପାତ୍ର, ସଞ୍ଜୀବ କୁମାର ସିଂହ, ଜଗବନ୍ଧୁ ମହାପାତ୍ର, ଅଜୟ କୁମାର ବାରିକ, ମନୋରଞ୍ଜନ ପଣ୍ଡା, ବିଘ୍ନେଶ୍ୱର ଦାସ, ରତିକାନ୍ତ ସିଂ, ସାରଦା ପ୍ରସାଦ କର ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବୀପତ୍ର ପ୍ରଦାନ କରିଛନ୍ତି।ସୂଚନା ମୁତାବକ ଆଦିବାସୀ ଅଧ୍ୟୁଷିତ ନୀଳଗିରି ବ୍ଲକରେ ଶିକ୍ଷାର ପ୍ରଚାରପ୍ରସାର ପାଇଁ ଉନ୍ନତ ଶିକ୍ଷାପ୍ରଣାଳୀ ବ୍ୟବସ୍ଥାର ଆବଶ୍ୟକତା ରହିଛି।ଆର୍ଥିକ ଅନଗ୍ରସର ନୀଳଗିରି ଅଂଚଳରେ ବିଶେଷକରି ଗରୀବମେଧାବୀ ପିଲାମାନଙ୍କୁ ବ୍ୟୟବହୁଳ ଶିକ୍ଷାପ୍ରଦାନରୁ ବଞ୍ଚିତ ନହେବା ପାଇଁ ବିଭିନ୍ନସମୟରେ ଦାବୀ ହୋଇଆସୁଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ପ୍ରଚେଷ୍ଟା ବିଶେଷକରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ରଲେଖିବା ଏବଂ ବ୍ୟକ୍ତିଗତ ଭାବେ ଭେଟି ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ସାଂସଦଙ୍କ ଅନୁରୋଧକୁ ରକ୍ଷାକରି ଶେଷରେ ନୀଳଗିରି ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ଏନେଇ ଗତ ଅଗଷ୍ଟ ୧୩ତାରିଖରେ ଜମିଚିହ୍ନଟ ପାଇଁ ଏକ ପ୍ରଶାସନିକ ଟିମ୍ ବ୍ଲକର ନରଶପୁର ପଞ୍ଚାୟତର ନକୁଳକୁଅଁର ଅଞ୍ଚଳ ଏବଂ କେ.ପି ଲାଖରଜପୁର ପଞ୍ଚାୟତ କୁଅଁରପୁର ମାହାଲ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଜ୍ୟୋତିଷ ବିଷାରଦଙ୍କ ଫାଶୀ ଦେଇ ଆତ୍ମହତ୍ୟା

ବାଲିଆପାଳ, ୨୩/୮ (ନି.ପ୍ର): ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ ପ୍ରବୀଣ ଜ୍ୟୋତିଷ ସନ୍ତୋଷ କୁମାର ଆଚାର୍ଯ୍ୟ(୬୫)। ଆଜି ଭୋର ସମୟରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି । ସ୍ୱର୍ଗତ ଆଚାର୍ଯ୍ୟ ବାଲିଆପାଳ ଅଂଚଳରେ ଜଣେ ବିଶିଷ୍ଟ ଜ୍ୟୋତିଷ ବିଷାରଦ ଥିଲେ । ସେ ଦୀର୍ଘ ଦିନ ଧରି ହୃଦରୋଗରେ ଆକ୍ରାନ୍ତ ଥାଇ ସବୁ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ । ଆଜି ସକାଳେ ତାଙ୍କ ମୃତ ଦେହ ଘର ବାରଣ୍ଡାରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା ।



ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପାଇଁ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଗ୍ରାମର ମୁଖ୍ୟ ମଧୁସୂଦନ ସାହୁ,ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମୁରଲୀମୋହନ ସାହୁ, ପ୍ରଫୁଲ କୁମାର ସାହୁ, ଝାଡେଶ୍ୱର ପ୍ରଧାନ,ସୁଜୟ ପରିଡା ପ୍ରମୁଖ ପହଂଚି ଶେଷ ଦର୍ଶନ କରିଥିଲେ । ମୃତ୍ୟଶଯ୍ୟା ନିକଟରେ ତାଙ୍କର ପରିବାର ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।

## ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭଦ୍ରକ , ୨୩/୮ (ନି.ପ୍ର): ସୂଚନାଥାଉକି ପ୍ରତି ବର୍ଷ ଭଳି ଏ ବର୍ଷ ମଧ ଭଦ୍ରକ ଜିଲ୍ଲା ବେଡ଼ମୀଣ୍ଟନ ଆସୋସିଏସନ ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଜିଲ୍ଲା ସ୍ତରୀୟ ବେଡ଼ମୀଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି, ଏହି ଟୁର୍ନାମେଣ୍ଟରେ ସର୍ବ ମୋଟ ୧୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଆସୋସିଏସନର ସଭାପତି ସତ୍ୟନ୍ଦୁ ରାୟ ମହାପାତ୍ର ସମ୍ପାଦକ ସୁଶୀଲ ନାୟକ, ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା, ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ସମାଜକୁ ବାର୍ତ୍ତା ଦେଇଥିଲେ ଯେ ଖେଳ ଦ୍ୱାରା ପିଲାମାନଙ୍କର ଶାରୀରିକ ଓ ମାନସିକ ସ୍ତରରେ ଅନେକ ବିକାଶ ହୋଇଥାଏ, ଜିଲ୍ଲା ପ୍ରଶାସନ ତରଫରୁ ସମ୍ପୂର୍ଣ ଭାବେ ଜିଲ୍ଲା ବେଡ଼ମୀଣ୍ଟନ ଆସୋସିଏସନଙ୍କୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ମଧ ପ୍ରତିଶୃତି ଦେଇଥିଲେ, ତେବେ ଏହି ଟୁର୍ନାମେଣ୍ଟରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲପାଳ ଓ ଜିଲ୍ଲା ବେଡ଼ମୀଣ୍ଟନ ଆସୋସିଏସନର ସଭାପତି ଶେଷରେ ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଅଜଣା ଯୁବକଙ୍କୁ ଉଦ୍ଧାର କଲେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି

ଜଳେଶ୍ୱର , ୨୩/୮ (ନି.ପ୍ର): ଜଳେଶ୍ୱର ଥାନା ଅଧୀନରେ ଗୋବରଘାଟା ଗ୍ରାମ ପଞ୍ଚାୟତର ଦଳାଇସାହି ଠାରେ ନିର୍ମାଣ ଚାଲିଥିବା ନୂତନ ବ୍ରିଜ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ତାରେ ଜଣେ ଯୁବକ ମୂର୍ଚ୍ଛା ଅବସ୍ତାରେ ପଡ଼ିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ ତା ପରେ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର କର ମାଧବ ଦଳାଇ, ରାଜେନ୍ଦ୍ର ବେହେରା , ତପନ ସିଂ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟରେ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ ଉକ୍ତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ ତାଙ୍କ ଭର ପଶ୍ଚିମବଙ୍ଗ ହୋଇ ଥିବାର ଅନୁମାନ କରାଯାଇଛି ।



## ନ୍ୟୁୟର୍କରେ ଟୁର ବସ୍ ରାଜପଥରେ ଓଲଟିଲା: ୫ ମୃତ, ୩୨ ଆହତ

ନୂଆଦିଲ୍ଲୀ,୨୩/୮ : ପଶ୍ଚିମ ନ୍ୟୁୟର୍କର ଏକ ପ୍ରମୁଖ ରାଜପଥରେ ୫୦ରୁ ଅଧିକ ଯାତ୍ରୀ ନେଇ ଯାଉଥିବା ଏକ ଟୁର୍ ବସ୍ ଭାରସାମ୍ୟ ହରାଇ ଓଲଟିପଡିଛି । ଏହି ଦୁର୍ଘଟଣାରେ ପାଂଚ ଜଣଙ୍କର ମୃତ୍ୟୁ ହୋଇଛି ଓ ୩୨ ଜଣ ଆହତ ହୋଇଛନ୍ତି। ପୀଡିତମାନଙ୍କ ମଧ୍ୟରେ ଭାରତୀୟ ନାଗରିକମାନେ ମଧ ଥିବାର ସନ୍ଦେହ କରାଯାଉଛି । ଅନେକ ଆହତଙ୍କୁ ଏୟାର୍ ଲିଫ୍ଟ ମାଧ୍ୟମରେ ଚିକିତ୍ସା କେନ୍ଦ୍ରକୁ ପହଂଚାଯାଇଛି।

ସିବିଏସ ନ୍ୟୁଜ୍ ଚ୍ୟାନେଲ୍ ଅନୁଯାୟୀ, ଏହି ଦୁର୍ଘଟଣା ଶୁକ୍ରବାର ଘଟିଥିଲା ବୋଲି ନ୍ୟୁୟର୍କ ପୋଲିସ୍ ଜଣାଇଛି। ସମସ୍ତ ବସ୍ ଯାତ୍ରୀ ନିଆଗ୍ରା ଫଲ୍ସ ଦେଖି ନ୍ୟୁୟର୍କ ସହରକୁ ଫେରୁଥିଲେ। ବରିଷ୍ଠ ପୋଲିସ୍ ଅଧିକାରୀ କହିଛନ୍ତି, 'ଅଜଣା କାରଣରୁ ବସ୍ ଭାରସାମ୍ୟ ହରାଇ ରାଜପଥରେ ଓଲଟିଯାଇ ଖାଇ ଭିତରକୁ ପଡ଼ିଯାଇଛି ।

## ଷଷ୍ଠ ଦିନରେ ବେସରକାରୀ ଅଧାପକ ଓ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ

### ଅଫିସ କାମ କରୁଛନ୍ତି ଅଧାପକ, ପିଲାଙ୍କ ପାଠପଢାରେ ଅସୁବିଧା

ନୀଳଗିରି, ୨୩/୮ (ନି.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘ ଦୀର୍ଘ ବର୍ଷ ହେବ ସଂଘର ସଭାପତି ଶ୍ରୀଯୁକ୍ତ ବିଶ୍ୱରଂଜନ ଦାସ ଙ୍କ ନେତୃତ୍ୱ ରେ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଆସୁଅଛି। ହେଲେ ସରକାର ଦାବି ପୂରଣ କରୁନଥିବାରୁ ନୀଳଗିରି ଖଣ୍ଡ ରେ ନୀଳଗିରି ମହାବିଦ୍ୟାଳୟ, ନୀଳଗିରି , ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟ, ମିତ୍ରପୁର ଏବଂ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ଅଧାପକ ଓ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ହେଲେ ରାଜ୍ୟ ସରକାର ଏମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିନାହାନ୍ତି। ବିଜେପି ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ




୧୩ ମାସ ମଧ୍ୟରେ ସଂଘ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶୁଣାଣୀ କୁ ୧୨ ଥର ଯାଇ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ବି କିଛି ସୁଫଳ ମିଳିନାହିଁ। ଫଳରେ ଦସ୍ତଖତ ଅଭିଯାନ ମାଧ୍ୟମରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଙ୍କୁ ସଂଘ ପକ୍ଷରୁ ମଧ ପ୍ରଦାନ କରାଯାଇଛି। ମତ ମନ୍ତବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୩୧୪ ବ୍ଲକର ବୁଦ୍ଧିଜୀବୀ ମାନଙ୍କର ମନ୍ତବ୍ୟ କୁ ସରକାରଙ୍କ ନିକଟରେ ଉପସ୍ଥାପିତ କରାଯାଇଛି। ଅନଲାଇନ ଜନଶୁଣାଣୀ, ୩୦ ଜିଲ୍ଲାର ଜିଲ୍ଲାପାଳ ଙ୍କ ସମ୍ମୁଖରେ ଧାରଣା ଦିଆଯାଇଛି, ହେଲେ ଫଳ କିଛି ମିଳିଲା ନାହିଁ। ଗତ ୧୬.୦୮.୨୫ ରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗ ରେ ସଂଘ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ସୁଦ୍ଧା ବିକ୍ଷୋଭ ସ୍ଥଳରୁ ସଂଘର ପ୍ରତିନିଧି ଦଳକୁ ଡାକି ମୁଖ୍ୟମନ୍ତ୍ରୀ କୌଣସି ଆଲୋଚନା କଲେ ନାହିଁ। ଏଣୁ ୧୮.୦୮.୨୦୨୫ ରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁରହିଛି। ଗୋଟିଏ ମାତ୍ର ଦାବି ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରାଯାଉ। ଯେତେ ପର୍ଯ୍ୟନ୍ତ ସରକାର ଦାବି ପୂରଣ କରି ନାହାଁନ୍ତି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ କରୁଥିବା ଏହି ମହାବିଦ୍ୟାଳୟ ର ଅଧାପକ ଅଧାପିକା ତଥା କର୍ମଚାରୀ ମାନେ ପ୍ରକାଶ କରଛନ୍ତି।ନୀଳଗିରିର ସମସ୍ତ ମହାବିଦ୍ୟାଳୟ ଗୁଡିକରେ ମଧ ବେସରକାରୀ ଅଧାପକ ଓ କର୍ମଚାରୀ ଧାରଣାରେ ବସିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ଅସୁବିଧା ଉପୁଜିଥିବା ବେଳେ ସରକାରୀ ଶିକ୍ଷକ ମାନେ ଏବେ କମ୍ପୁଟର ସହ ଅଫିସ କାର୍ଯ୍ୟ ପରିଚାଳନା କରୁଥିବାର ଦେଖିବାକୁ ମିଳିଛି।

## ବାସୁଦେବପୁର ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାସୁଦେବପୁର, ୨୩/୮ (ନି.ପ୍ର): ବାସୁଦେବପୁର ପୋଲିସ ବିଭାଗ ପକ୍ଷରୁ ତୃପ୍ତି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଫେଲୋସିପ ସ୍ୱେଚ୍ଛାସେବୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଭଦ୍ରକ ସିଟି ଡିଏସପି ଦୀପିକା ପ୍ରିୟ ଦର୍ଶନୀ ସାହୁ, ମହାବିଦ୍ୟାଳୟ ଅଧକ୍ଷା ଅଳକା ନନ୍ଦା ପାଣିଗ୍ରାହୀ, ଫେଲୋସିପର ସଦସ୍ୟ ସ୍ନେହଲତା ପଣ୍ଡା , ସସ୍ମିତା ପ୍ରିୟ ଦର୍ଶିନି ଓ ଲିପ୍ସା ନାୟକ । ଆତ୍ମହତ୍ୟା ମହାପାପ । ଜୀବନରେ ଯେତେ ସମସ୍ୟା ଆସୁ ପଛେ ଆମେ ଆଦୌ ଆତ୍ମହତ୍ୟା କରିବା ନାହିଁ। ଆମ ଛାତ୍ର ଛାତ୍ରୀ




ସମସ୍ତେ ପ୍ରତ୍ୟେକ କ୍ଷେତ୍ରରେ ସାହସ ସଞ୍ଚୟ କରି ଆଗକୁ ବଢିବା ଉଚିତ୍ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ। ଶେଷରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଇଶ୍ୱର ଅଦୃଶ୍ୟ। ଦୃଶ୍ୟମାନ ମଣିଷ ହେଲେ ବାପା ଓ ମାଆ। ବାପା ମାଆ ଙ୍କ ମନରେ ଆମେ ଆଦୌ କଷ୍ଟ ଦେବା ନାହିଁ। ଆମ ପିଲା ମାନଙ୍କ ମଧ୍ୟରେ ପ୍ରେମ ରହିବା ଉଚିତ୍ କିନ୍ତୁ ଭୁଲ୍ ବୁଝାମଣା ପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଆମର ଝିଅ ପିଲାମାନେ ଅଧିକ ସମୟ ମୋବାଇଲ୍ ବ୍ୟବହାର ନକରି ସମୟ ମିଳିଲେ ଲେଖାଲେଖି ଓ ବିଭିନ୍ନ ବହି ପଢ଼ିବା ସହିତ ଯୋଗ, ନୃତ୍ୟ ଓ ଖେଳରେ ମନଦେବା ଉଚିତ୍। ବାସୁଦେବପୁର ପୋଲିସ ଷ୍ଟାଫ୍ ପୁନମ୍ ଦେବୀ ବେହେରା, ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ସଞ୍ଜୟ ବାବୁ,ଲକ୍ଷ୍ମୀକାନ୍ତ ଉପାଧାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳିତ

ବୈଶିଙ୍ଗା , ୨୩/୮ (ନି.ପ୍ର): ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ -୨୦୨୫ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରି ଥିଲେ। ଚନ୍ଦ୍ରାୟନ -୩ ଅଭିଯାନ ର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ଅନ୍ତରୀକ୍ଷ ଦିବସରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ଆଭିମୁଖ୍ୟ ନେଇ ଗୋଲକ ଧନ୍ଦା ସମାଧାନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ମହାକାଶ ବିଜ୍ଞାନୀଙ୍କ ଗବେଷଣା ଲବ୍ଧ ତଥ୍ୟ ଆଧାରିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍। ଚଳିତ ବର୍ଷ ର ବିଷୟ ବସ୍ତୁ -'ଆର୍ଯ୍ୟଭଟ୍ଟ ରୁ ଗଗନ ଯାନ: ପ୍ରାଚୀନ ଜ୍ଞାନରୁ ଅଶେଷ ସମ୍ଭାବନା' ସଂକ୍ରାନ୍ତରେ ଆଲୋଚନା ଚକ୍ର ରେ ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ।ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷକ ହରେକୃଷ୍ଣ ମହାନ୍ତ ଅନ୍ତରୀକ୍ଷ ଦିବସର ଆଭିମୂଖ୍ୟ ଓ ଅନ୍ତରୀକ୍ଷ ବିଜ୍ଞାନରେ ଭାରତ ର ଯୋଗଦାନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ହୋଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ମାନେ ଅନ୍ତରୀକ୍ଷ ବିଜ୍ଞାନ ଭିତ୍ତିକ ସ୍ୱରଚିତ ସଂଗୀତ ପରିବେଷଣ କରି ଥିଲେ।ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ଶୁଭଙ୍କର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ନବମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ତନ୍ମୟା ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ: ବେପାରୀ ଫେରାର

ଖଇରା,୨୩/୮(ନିପ୍ର) ଖଇରା ଥାନା ଗଡପୋଖରୀ ପଂଚାୟତ ଜୟଗଡ ଗ୍ରାମର ମହୁଲଶିଖଡ ଅଂଚଳର ବେଆଇନ ଭାବେ ଗଚ୍ଛିତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ପୁଲିସ ଜବତ କରିଥିବା ବେଳେ ଅଭିଯୁକ୍ତ ଫେରାର ଅଛି । ଆଜି ଅପରାହ୍ନରେ ନିଳଗିରୀ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ସେହି ଅଂଚଳରେ ବେଆଇନ ଭାବେ ସାମଗ୍ରୀ ଗଚ୍ଛିତ ନେଇ ବିଶେଷ ସୂତ୍ରରୁ ଖବର ପାଇ ଚଢଉ କରିଥିଲେ । ଏହି ଗ୍ରାମର ରଞ୍ଜନ କୁମାର ସେଣ୍ଡ ତାଙ୍କ ଘର ବାଡିରେ ତମ୍ବୁ ଘୋଡାଇ ରଖିଥିଲେ। ଏଥିରେ ପାହାଡ ବିସ୍ଫୋରଣରେ ଜିଲୋଟିନ, କେବୁଲ ସହିତ ପାହାଡ ଫଟେଇବା ପାଇଁ ବ୍ୟବହୃତ ଉଚ୍ଚକ୍ଷମତା ସମ୍ପନ୍ନ ବିସ୍ଫୋରକ ସାମଗ୍ରୀ ଜବତ



କରିଥିଲେ। ସେହିପରି ଘର ଭିତରୁ ବିପୁଳ ପରିମାଣର କର୍ଡସ କେବୁଲ ତାର ମଧ୍ୟ ପୁଲିସ ଜବତ କରିଥିଲା । ଜବତ ହୋଇଥିବା ସାମଗ୍ରୀର ମୂଲ୍ୟ ଅନୁମାନିକ ୫୦ ଲକ୍ଷଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି । ଏତେ ଟଙ୍କାର ସାମଗ୍ରୀ କେଉଁଠୁ ଆସିଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଶାରୀସୁଆ ପାହାଡରେ ବେଆଇନ ଭାବେ ବ୍ଲାଷ୍ଟିଂ ଓ ଖନନ ଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ପୁଲିସ, ରାଜସ୍ୱ,ଅଗ୍ନିଶମ ବିଭାଗ ଓ ଖଣି ବିଭାଗ ଜାଣିଶୁଣି ନିରବ ରହୁଥିବା ବେଳେ ଲୁଟେରା ମାନେ ଅବାଧରେ ଖଣି ଲୁଟ କରୁଥିଲେ। ଜନବସତି ମଧ୍ୟରେ ଏତେ ପରିମାଣର ସାମଗ୍ରୀ ଗଚ୍ଛିତ ରଖିବା ନେଇ ଜନସାଧାରଣ ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବାବେଳେ ପ୍ରଶାସନର ଚଢାଉ ଧର୍ମକୁ ଆଖିଠାର ବୋଲି ଆଲୋଚନା ହେଉଛି। ଏ ବିଷୟରେ ଏସଡିପିଓ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ସେ ବେଆଇନ ଖଣିକାରବାର ଓ ସାମଗ୍ରୀ ଜବତ ଉପରେ ପଦକ୍ଷେପ ନେବା ସହିତ ଫେରାର ଅଭିଯୁକ୍ତକୁ ଗିରଫ କରିବା ପରେ ସମସ୍ତ ତଥ୍ୟ ଆସିବ ବୋଲି ପ୍ରକାଶ କରିଛନ୍ତି । ଏତେ ପରିମାଣର ସାମଗ୍ରୀ କଲିକତା ରୁ ଆସୁଥିବାର ମଧ୍ୟ ପୁଲିସ କୁ ସୁରାକ ମିଳିଛି । ଏହି ଚଢାଉରେ ଏସଆଇ ତପନ କୁମାର ଜେନା, ଏଏସଆଇ ରାଜେନ୍ଦ୍ର କୁମାର ବଗୁଡାଇ ଙ୍କ ସମେତ ପୁଲିସର କର୍ମଚାରୀ ମାନେ ସାମିଲ ହୋଇଥିଲେ । ଖଇରା ଅଂଚଳରୁ ଏତେ ପରିମାଣର ସାମଗ୍ରୀ ଜବତ ନେଇ ସାଧାରଣରେ କକୁଆ ଭୟ ସୃଷ୍ଟି ହୋଇଛି।

## ପାଣିରେ ପଡି ଶିଶୁ କନ୍ୟା ମୃତ

ବାଲିଆପାଳ , ୨୩/୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳା ଗ୍ରାମରେ ପଦ୍ମ ଲୋଚନ ପାଢ଼ୀ ଙ୍କ ଛୋଟ ଝିଅ ଭାଗ୍ୟ ଲକ୍ଷ୍ମୀ (୯) ଶୁକ୍ରବାର ଦିନ ସନ୍ଧ୍ୟାରେ ନିକଟସ୍ଥ ନାଜଣ୍ଡିଆ ପୋଖରୀକୁ ଗୋଡ ଧୋଇବା ପାଇଁ ଯାଇଥିବା ସମୟରେ ପାଣି ରେ ପଡିଯାଇଥିଲେ। ଜୋତା ଦେଖି ପରିବାର ଲୋକ ଓ ଗ୍ରାମବାସୀମାନେ ଖୋଜାଖୋଜି କରିବା ପରେ ପାଣିରୁ ଝିଅଟିର ମୃତ ଦେହ ଉଦ୍ଧାର କରାଯାଇଥିଲା। ଏନେଇ ବାଲିଆପାଳ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶନିବାର ମୃତ ଦେହ ବ୍ୟବଛେଦ କରାଯାଇଛି।

## ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଡବଲ୍ସରେ ଚମକିଲେ ମୟୁରଭଞ୍ଜର ଆୟୁଷ

ବାରିପଦା , ୨୩/୮ (ନି.ପ୍ର): ଘାନାର ଆକ୍ରା ଠାରେ ଅନୁଷ୍ଠିତ ଘାନା ଗ୍ରାଣ୍ଡ ସ୍ଲାମ - ୨୦୨୫ ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଦୁଇ ଖେଳାଳି ରନର୍ସ ଆପ ହୋଇ ଭାରତ, ଓଡିଶା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ଜୁଲାଇ ୨୮ ରୁ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବେଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୁରଭଞ୍ଜର ଆୟୁଷ ପଟ୍ଟନାୟକ ଓ ଅନୁଗୁଳର ଅବିନାଶ ମହାନ୍ତିଙ୍କ ଯୋଡ଼ି ଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ପୁଲୁଙ୍ଗ ରାମଧାନ ଓ ଅଂଶେଳମୁସ ବ୍ରେଗିଡ ଫ୍ରେଡିଙ୍କ ଯୋଡି ଠାରୁ ୧୧-୨୧ ଓ ୧୩-୨୧ ସେଟରେ ପରାସ୍ତ ହୋଇ ରନର୍ସ ଅପ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି ଓ ଏହି ସଫଳତା ପାଇଁ ଜିଲ୍ଲାପାଳ ହେମାକାନ୍ତ ସୟ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ବେଡ଼ମିଣ୍ଟନ ଏସୋସିଏସନର ସମ୍ପାଦକ ବିଭୁତିଭୂଷଣ ଦାସ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ଓ ଆୟୁଷଙ୍କ ସଫଳତା ଯୁବ ବେଡ଼ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ପ୍ରେରଣା ଯୋଗାଇଦେବ ବୋଲି ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି ଓ ପ୍ରକାଶ ଥାଉକି ବାରିପଦା ମୁନିସିପାଲିଟି ଅନ୍ତର୍ଗତ ବେଲଗଡ଼ିଆର ଆୟୁଷ ଇଣ୍ଡୋର ଷ୍ଟାଡିୟମରେ କୋଚ ବିଭୁତି ଭୂଷଣଙ୍କ ଠାରୁ ଖେଳ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ବହୁବାର ପୁରସ୍କୃତ ହୋଇଛନ୍ତି ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida